بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

**ସମ୍ପାଦକ:**

କମ୍ଭୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 15

ବାର୍ଷିକ ଦେୟ: 600/-

20 ଶୱାଲ, 1447 ହି.କ, 09 ଶାହାଦତ୍ 1405 ହି.ଶ, 09 April 2026 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

وَیُطۡعِمُوۡنَ الطَّعَامَ عَلٰی حُبِّہٖ مِسۡکِیۡنًا وَّیَتِیۡمًا وَّاَسِیۡرًا ۝ اِنَّمَا نُطۡعِمُکُمۡ لِوَجۡہِ اللّٰہِ لَا نُرِیۡدُ مِنۡکُمۡ جَزَآءً وَّلَا شُکُوۡرًا ۝ (ଅଦ୍ ଦହର୍: 188)

**ଅନୁବାଦ:** ଏବଂ ତାହାଙ୍କ ଅର୍ଥାତ୍ ଅଲ୍ଲାଙ୍କ ପ୍ରତି ପ୍ରେମ ହେତୁ ସେମାନେ ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ କୁହନ୍ତି ହେ ଲୋକମାନେ ! ଆମେମାନେ କେବଳ ଅଲ୍ଲାଃଙ୍କ ସନ୍ତୋଷ ବିଧାନ ପାଇଁ ତୁମମାନଙ୍କ ଠାରୁ ଏଥି ପାଇଁ କୌଣସି ପୁରସ୍କାର ମାଗୁ ନାହୁଁ କି କୃତଜ୍ଞତା ମଧ୍ୟ ଲୋଡ଼ୁ ନାହୁଁ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ୍ ସ.ଅଙ୍କ ବାଣୀ

### ଈଶ୍ୱରଙ୍କ ସୃଷ୍ଟ ମାନବର ସେବା କରିବା ହିଁ ଈଶ୍ୱରଙ୍କ ଉପାସନା ଅଟେ (ଅର୍ଥାତ୍ ମାନବ ସେବା ହିଁ ମାଧବ ସେବା ଅଟେ) ।

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ପ୍ରଳୟ ଦିବସ ଦିନ ଅଲ୍ଲାଃତାଲା କହିବେ, ହେ ଆଦମ୍‌ଙ୍କ ସୂତ (ପୁତ୍ର) ! ମୁଁ ଅସୁସ୍ଥ ଥିଲି ତୁ ମୋର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲୁ ନାହିଁ । ଭକ୍ତ କହିବ, ହେ ଈଶ୍ୱର ! ତୁମ୍ଭେ ପରା ସମଗ୍ର ଜଗତର ପାଳକର୍ତ୍ତା ଅଟ, ତେଣୁ ମୁଁ ତୁମ୍ଭର ସ୍ୱାସ୍ଥ୍ୟାବସ୍ଥା କିପରି ପଚାରି ବୁଝି ଥାଆନ୍ତି ? ଅଲ୍ଲାଃତାଲା କହିବେ, ହେ ଆଦମ୍‌ଙ୍କ ପୁଅ ! କ'ଣ ତୁ ଏକଥା ଜାଣି ପାରିଲୁ ନାହିଁ ଯେ, ମୋର ଅମକ ଭକ୍ତ ପରା ଅସୁସ୍ଥ ଥିଲା ଏବଂ ତୁ ମୋ ଭକ୍ତର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ନଥିଲୁ । କ'ଣ ତୋତେ ଏହା ଜଣା ନଥିଲା ଯେ, ଯଦି ତୁ ସେହି ଭକ୍ତକୁ ଦେଖି ଥାଆନ୍ତୁ ଏବଂ ତା'ର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଥାଆନ୍ତୁ ତେବେ ତୁ ମୋତେ ସେହି ଭକ୍ତ ପାଖରେ ହିଁ ପାଇଥାଆନ୍ତୁ । ହେ ଆଦମ୍‌ଙ୍କ ସୂତ (ପୁତ୍ର) ! ମୁଁ ତୋତେ ଖାଦ୍ୟ ମାଗିଥିଲି । କିନ୍ତୁ ତୁ ମୋତେ ଖାଦ୍ୟ ଦେଲୁ ନାହିଁ । ପ୍ରତ୍ୟୁତ୍ତରରେ ଆଦମ୍‌ଙ୍କ ପୁତ୍ର କହିବ, ହେ ମୋର ପାଳନକର୍ତ୍ତା ! ତୁମେ ପରା ସମଗ୍ର ଜଗତକୁ ଆହାର ଖୁଆଇ ଥାଅ ! ତେଣୁ ମୁଁ ତୁମ୍ଭଙ୍କୁ କିପରି ଆହାର ଖୁଆଇ ପାରିବି? ପ୍ରତ୍ୟୁତ୍ତରରେ ଅଲ୍ଲାଃତାଲା କହିବେ, ହେ ଭକ୍ତ! କ'ଣ ତୋର ମନେ ନାହିଁ ଯେ, ଦିନେ ଅମକ ବ୍ୟକ୍ତି ତୋତେ ଆହାର ମାଗିଥିଲା, ହେଲେ ତୁ ସେହି ବ୍ୟକ୍ତିକୁ ଆହାର ଦେଇ ନଥିଲୁ । କ'ଣ ତୋତେ ଜ୍ଞାତ (ଜଣା) ନଥିଲା ଯେ, ତୁ ଯଦି ସେହି ଭକ୍ତକୁ ଆହାର ଖୁଆଇ ଥାଆନ୍ତୁ ତେବେ ତୁ ମୋ ଠାରୁ ଉତ୍ତମ ପ୍ରତିଫଳ ପ୍ରାପ୍ତ କରିଥାଆନ୍ତୁ । ହେ ଆଦମ୍‌ଙ୍କ ସୂତ (ପୁତ୍ର) ! ମୁଁ ତୋତେ ପାଣି ମାଗିଥିଲି । କିନ୍ତୁ ତୁ ମୋତେ ଜଳପାନ କରାଇ ନଥିଲୁ । ପ୍ରତ୍ୟୁତ୍ତରରେ ଆଦମ୍‌ଙ୍କ ପୁତ୍ର କହିବ, ହେ ମୋର ପାଳକର୍ତ୍ତା ! ତୁମ୍ଭେ ପରା ସମଗ୍ର ଜଗତର ପାଳନକର୍ତ୍ତା ଅଟ ତେଣୁ ମୁଁ କିପରି ତୁମ୍ଭକୁ କିପରି ଜଳପାନ କରାଇ ପାରିଥାଆନ୍ତି ? ହେ ଭକ୍ତ ! ତୁମକୁ ମୋର ଅମକ ଭକ୍ତ ଜଳ ମାଗିଥିଲା କିନ୍ତୁ ତୁମେ ତା'କୁ ଜଳପାନ କରାଇ ନଥିଲ । ତୁମେ ଯଦି ମୋତେ ଜଳପାନ କରାଇଥାଆନ୍ତ ତେବେ ତୁମେ ଉତ୍ତମ ପ୍ରତିଫଳ ପ୍ରାପ୍ତ କରିଥାଆନ୍ତ ।

**(ମୁସଲିମ୍, କିତାବୁଲ୍ ବିରରି ୱସ୍‌ସଲାତ୍, ବାବ୍- ଫଜଲୁ ଇୟାଦତିଲ୍ ମରିଜି, ପ୍ରାମାଣ୍ୟ-ହଦିକତୁସ୍ ସାଲିହିନ୍, ହଦିସ୍ ନଂ-583)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ବିଶ୍ୱାସକାରୀ ହେଉଛନ୍ତି ସେହିମାନେ ଯେଉଁମାନେ ଈଶ୍ୱରଙ୍କ ପ୍ରେମ (ଅର୍ଥାତ୍ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ସକାଶେ) ଦରିଦ୍ର, ଅନାଥମାନଙ୍କୁ ଆହାର ଖୁଆଇ ଥାଆନ୍ତି ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ତାଆମ୍ କହିଲେ, ପ୍ରିୟ ଖାଦ୍ୟକୁ ବୁଝାଏ । ପଚରା ଓ ବାସି ଖାଦ୍ୟକୁ ତାଆମ୍ କୁହାଯାଏ ନାହିଁ । ଅତଏବ୍ ଯଦି ଜଣେ ବ୍ୟକ୍ତି ଯେକି ଭୋଜନ କରିବା ନିମନ୍ତେ ବସିଛି । ବ୍ୟକ୍ତି ଜଣକ ତାଟିଆ (ପ୍ଲେଟ୍ କିମ୍ବା ଗିନା)ରେ ତାଜା ଖାଦ୍ୟ ଏବଂ ସୁସ୍ୱାଦ ଓ ପ୍ରିୟ ଖାଦ୍ୟ ରଖା ହୋଇଛି, ସେହି ଖାଦ୍ୟକୁ ବ୍ୟକ୍ତି ଖାଇବା ଆରମ୍ଭ କରି ନାହିଁ ବରଂ ଫକୀର୍‌ର ଡାକ ମାରିବା ଦ୍ୱାରା ସେହି ତାଟିଆ ବା ପାତ୍ରରୁ କାଢି ଦେଇ ଦିଏ ତେବେ ଏହା ତ' ପୁଣ୍ୟ ଅଟେ । ଅତଏବ୍ ନିରର୍ଥକ ଓ ବେକାର ଜିନିଷ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ପୁଣ୍ୟ କର୍ମ କରିବାର ଦାବି କରି ପାରିବ ନାହିଁ । ପୁଣ୍ୟର ମାର୍ଗ ଅତ୍ୟନ୍ତ ସଂକୀର୍ଣ୍ଣ ଅଟେ । ଅତଏବ୍ ଉକ୍ତ ପ୍ରସଙ୍ଗ (କଥା)କୁ ମସ୍ତିଷ୍କରେ ଆସନ୍ନିତ (ପଶେଇ) କରିନିଅ ଯେ, ନିକୃଷ୍ଟ ବସ୍ତୁ ବା ଜିନିଷ ବ୍ୟୟ କରିବା ଦ୍ୱାରା କୌଣସି ବ୍ୟକ୍ତି ତହିଁରେ (ସ୍ୱର୍ଗରେ) ପ୍ରବିଷ୍ଟ ହୋଇପାରିବ ନାହିଁ । ଚରିତ୍ରକୁ ଠିକ ବା ମାର୍ଜିତ କରିବା ସଙ୍ଗେସଙ୍ଗେ ନିଜର ଭାଗ୍ୟ ମୁତାବକ ଦାନ ଧର୍ମ କରିବା ମଧ୍ୟ ଅବଲମ୍ବନ କରିବା ଉଚିତ୍ ।" **(ରିପୋର୍ଟ ଜଲ୍‌ସା ସାଲାନା, 1897 ମସିହା, ପୃ-79)**

یُطۡعِمُوۡنَ الطَّعَامَ عَلٰی حُبِّہٖ مِسۡکِیۡنًا وَّیَتِیۡمًا وَّاَسِیۡرًا ଅର୍ଥାତ୍ ଈଶ୍ୱରଙ୍କ ପ୍ରସନ୍ନତା ସକାଶେ ଅନାଥ ଏବଂ କାରାବରଣ ଭୋଗୁଥିବା ବ୍ୟକ୍ତିମାନଙ୍କୁ ଆହାର ଖୁଆଇଥାନ୍ତି ଏବଂ ସେମାନେ କୁହନ୍ତି ଯେ, ଆମେମାନେ ବିଶେଷ ରୂପେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ସେମାନଙ୍କୁ ଆହର ଦେଇଥାଉ ଓ ଆମେମାନେ ସେହି ଦିନକୁ ଭୟକରୁ ଯାହାକି ଅତ୍ୟନ୍ତ ଭୟଙ୍କର ଦିନ ଅଟେ । **(ଅଲ୍ ହକମ୍, ଗ୍ରନ୍ଥଖଣ୍ଡ-5, ସଂଖ୍ୟା-27,1901 ମସିହା ଜୁଲାଇ ମାସ 24 ତାରିଖ, ପୃ-2)**

ବିଶ୍ୱାସକାରୀମାନେ ହେଉଛନ୍ତି ସେହିମାନେ ଯେଉଁମାନେ ଈଶ୍ୱରଙ୍କ ପ୍ରେମ ସକାଶେ ଅନାଥ ଏବଂ କାରାବରଣ ଦଣ୍ଡ ଭୋଗୁଥିବା ଲୋକମାନଙ୍କୁ ଆହାର ଖୁଆଇଥାଆନ୍ତି ଏବଂ ସେମାନଙ୍କୁ ଏହା କୁହନ୍ତି ଯେ, ଆମେମାନେ କେବଳ ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ତୁମମାନଙ୍କୁ ଆହାର ଖୁଆଉଛୁ, ଆମେମାନେ ତୁମମାନଙ୍କ ଠାରୁ କୌଣସି ପ୍ରତିଫଳ ଚାହୁଁ ନାହୁଁ କି କୌଣସି କୃତଜ୍ଞତା ମଧ୍ୟ ଚାହୁଁ ନାହୁଁ । **(ସିରାଜୁଦ୍ଦୀନ୍ ଇସାଇ କେ 4 ସୱାଲୋଁ କା ଜୱାବ୍, ପୃ-42) (ପ୍ରାମାଣ୍ୟ-ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-3, ସୁରତୁଦ୍ ଦହର୍, ପୃ-283-281)**☆--☆--☆

## ତଫ୍‌ସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ଯଦି ମନୁଷ୍ୟ ମଧ୍ୟରେ ଅନାଥ ଏବଂ ଦରିଦ୍ରମାନଙ୍କ ପ୍ରତି ପ୍ରକୃତ ଆନ୍ତରୀକତା ଓ ସହାନୁଭୂତି ଥାଆନ୍ତା ତେବେ ଭୋକ ଉପାସ ଦିନ ସେ ସେମାନଙ୍କୁ (ଅବଶ୍ୟ) ଆହାର ଖୁଆଇଥାଆନ୍ତା ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ବବଲଦ୍‌ର ଆୟତ୍ اَوۡ اِطۡعٰمٌ فِیۡ یَوۡمٍ ذِیۡ مَسۡغَبَۃٍ ۝ یَّتِیۡمًا ذَا مَقۡرَبَۃٍ ۝ اَوۡ مِسۡکِیۡنًا ذَا مَتۡرَبَۃٍ ۝ର ବ୍ୟାଖ୍ୟା କରି କୁହନ୍ତି: ଯଦି ମନୁଷ୍ୟ ମଧ୍ୟରେ ଅନାଥ ଏବଂ ଦରିଦ୍ରମାନଙ୍କ ପ୍ରତି ପ୍ରକୃତ ଆନ୍ତରୀକତା ଥାଆନ୍ତା ଏବଂ ମନୁଷ୍ୟ ଯଦି ସେମାନଙ୍କର ଦୁଃଖ କଷ୍ଟ ତଥା ସମସ୍ୟାକୁ ଦୂର କରିବାର ସଠିକ ଅବବୋଧ ନିଜ ମଧ୍ୟରେ ରଖିଥାଆନ୍ତା ତେବେ ତା'ର (ମନୁଷ୍ୟର) ଏହି କର୍ତ୍ତବ୍ୟ ଥିଲା ଯେ, ସେ ଭୋକ ଉପାସ ଦିନ (ସମୟରେ) ସେମାନଙ୍କୁ ଆହାର ଖୁଆଇଥାଆନ୍ତା । ଅର୍ଥାତ୍ ମରୁଡ଼ି ଏବଂ ଦୁର୍ଭିକ୍ଷ ସମୟରେ ସେମାନଙ୍କ ଅବସ୍ଥା ପଚାରି ବୁଝିଥାଆନ୍ତା କିମ୍ବା ଦାରିଦ୍ର୍ୟତା ଏବଂ ବୁଭୁକ୍ଷୁତା (ଭୋକ ଉପାସ) ସମୟରେ ସେମାନଙ୍କ ନିମନ୍ତେ ଶସ୍ୟ ଉପଲବ୍ଧ (ଯୋଗାଇ ଥାଆନ୍ତା) କରାଇ ଥାଆନ୍ତା । ମନେକର ସେହି ବଦାନ୍ୟ ବ୍ୟକ୍ତି ଯେକି ଗୋଟିଏ ଦିନରେ 100 କିମ୍ବା 125ଟି ଓଟ ଜେବହ୍ କରି ଆସୁଥିଲା। କିନ୍ତୁ ମୁଁ ତ' ଏହା କହୁଛି ଯେ, ସେହି ବ୍ୟକ୍ତି ଅଯଥା ଓ ଅସମୟରେ ଓଟ ଜେବହ୍ କରୁଥିଲା । ସେହି ବଦାନ୍ୟ ବ୍ୟକ୍ତି ପକ୍ଷେ ଏହି ସୁଯୋଗ ରହିଥିଲା କି ସେ ଦରିଦ୍ର ଏବଂ ଅନାଥମାନଙ୍କ ପାଇଁ ସେହି ଓଟକୁ ଜେବହ୍ କରିଥାଆନ୍ତା ଏବଂ ସେମାନଙ୍କର ମାଂସ ସେହି ଦରିଦ୍ର ଏବଂ ଅନାଥମାନଙ୍କ ମଧ୍ୟରେ ବିତରଣ କରିଦେଇ ଥାଆନ୍ତା



**ସମ୍ପାଦକୀୟ**

## ଯେଉଁଠି ନ୍ୟାୟ ନାହିଁ ସେଠାରେ ବିନାଶ ହିଁ ଆସିଥାଏ । ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଇସଲାମ୍ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ଏବଂ ସଂସାରର ଶାନ୍ତି ନିମନ୍ତେ ଦୁଆ କରନ୍ତୁ !

## ସାଂପ୍ରତିକ ଇରାନ୍ ଓ ଆମେରିକା ଯୁଦ୍ଧର ପୃଷ୍ଠ ଭୂମିରେ ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କର ସଂସାରବାସୀଙ୍କୁ ସହାନୁଭୂତିମୂଳକ ଉପଦେଶ

ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ନିଜର ଖୁତବା ଜୁମା ତା- 2026 ମସିହା ମାର୍ଚ୍ଚ ମାସ 6 ତାରିଖ ଦିନ ଇରାନ୍ ଆମେରିକା ଯୁଦ୍ଧ ସଂପର୍କରେ ଚିନ୍ତା ବ୍ୟକ୍ତ କରି ସଂସାରରେ ଶୀଘ୍ର ଶାନ୍ତି ସ୍ଥାପନ ନିମନ୍ତେ ବେଦନା ତଥା ସହାନୁଭୂତିମୂଳକ ଉପଦେଶ ଦେଇଛନ୍ତି । ଆପଣ ଅ.ବ କହିଲେ: "ଆଁହଜରତ୍ ସ.ଅ ଯେଉଁ ସନ୍ଦେଶ ଆଣିଛନ୍ତି ତାହାର ଅଭିପ୍ରାୟ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିବା, ଈଶ୍ୱରଙ୍କ ଉପାସନା କରିବା, ତାହାଙ୍କ ଏକେଶ୍ୱରବାଦ ସ୍ଥାପନ, ଏଥି ନିମନ୍ତେ ପ୍ରୟାସ କରିବା ଓ ତାହାଙ୍କ ଭକ୍ତମାନଙ୍କର ଅଧିକାର ତଥା କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ କରିବା ଅଟେ । ପୁନଶ୍ଚ ଏକ ଜାତି ହୋଇ ପରସ୍ପର ଭାଇ ଭାଇ ହୋଇ ରହିବା ଅଟେ । କିନ୍ତୁ ଆଜି ସେହି ଦାବି ସତ୍ତ୍ୱ ଆମେମାନେ କଲମା କୁହାଳୀ ଅଟୁ, ଆମେମାନଙ୍କ ମଧ୍ୟରେ ଏକତା ନାହିଁ । ଆମମାନଙ୍କର କୃତ୍ୟ ସେପରି ନୁହେଁ ଯେଉଁ ଶିକ୍ଷାର ଆମେମାନେ ଦାବି କରିଥାଉ । ପରିଣାମ ସ୍ୱରୂପ ଯେତେବେଳେ ଆମେମାନେ ଇସଲାମୀୟ ସଂସାରର ସମୀକ୍ଷା କରୁ ସେତେବେଳେ ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥା ରହିଛି । କେତେକ ଦେଶମାନଙ୍କ ନିକଟରେ ପ୍ରାକୃତିକ ସାଧନ ଏବଂ ସମ୍ବଳ ତଥା ପ୍ରାକୃତିକ ସମ୍ପତ୍ତି ରହିଛି । କିନ୍ତୁ ଏସବୁ ସତ୍ତ୍ୱେ ସଂସାରର ଶକ୍ତି ସମ୍ମୁଖରେ ସେମାନଙ୍କର କୌଣସି ବିଶେଷ ମର୍ଯ୍ୟାଦା ନାହିଁ ଓ ନା ହିଁ ଧର୍ମର ଉନ୍ନତି ନିମନ୍ତେ ସେମାନଙ୍କର କୌଣସି ବିଶେଷ ଭୂମିକା ରହିଛି, ନା ଇସଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସେମାନଙ୍କର କୌଣସି ବିଶେଷ ଉଦ୍ୟମ ଦୃଶ୍ୟମାନ ହେଉଛି । ଏହାର ଫଳାଫଳ ତଥା ପରିଣାମ ସ୍ପଷ୍ଟ ରୂପେ ପ୍ରକାଶିତ ହେଉଛି ଯେ, ଅଣମୁସଲମାନମାନେ ଏହାର ସୁଯୋଗରୁ ଲାଭାନ୍ୱିତ ହେଉଛନ୍ତି ।

ମୁସଲମାନମାନଙ୍କୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ଇସଲାମ୍ ଧର୍ମାବଲମ୍ବୀ ହେବା ହିସାବରେ ଆମମାନଙ୍କୁ ଏକ ହେବାକୁ ପଡ଼ିବ, ଏଥି ନିମନ୍ତେ ଆମମାନଙ୍କୁ ଆପ୍ରାଣ ଉଦ୍ୟମ କରିବା ଉଚିତ୍ । ଯଦି ଏପରି ହେବ ତାହାହେଲେ ଯାଇ ଆମେମାନେ ସଂସାରର ଆକ୍ରମଣରୁ ବର୍ତ୍ତି ପାରିବୁ, ସେତେବେଳେ ଯାଇ ଆମେମାନେ ନିଜର ବିଶ୍ୱସ୍ତତାକୁ ଅକ୍ଷୁର୍ଣ୍ଣ ରଖି ପାରିବୁ ଓ ଇସଲାମ୍ ଧର୍ମ ବିରୋଧୀ ଶକ୍ତିମାନଙ୍କୁ ନିଜ ମଧ୍ୟରେ ନିଜ ମଧ୍ୟରେ ଫାଡ଼ି ଦେବାରୁ ଅଟକାଇ ପାରିବୁ । ଏଥି ନମିନ୍ତେ ଆମମାନଙ୍କୁ ଧ୍ୟାନ ଦେବାକୁ ପଡ଼ିବ ଓ ବିଚାର କରିବାକୁ ପଡ଼ିବ ଯେ, ଅଲ୍ଲାଃତାଲା ସାଂପ୍ରତିକ କାଳରେ ଏଥି ନିମନ୍ତେ କେଉଁ ବ୍ୟବସ୍ଥା କରିଛନ୍ତି । ଅଲ୍ଲାଃତାଲା ଏହି ଅଭିପ୍ରାୟ ସକାଶେ ପୁଣ୍ୟଶ୍ଳୋକ ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଛନ୍ତି ।"

ହୁଜୁର ଅନୱର୍ ଅ.ବ କହିଲେ, ସଂସାରର ପରିସ୍ଥିତ ସଂପର୍କରେ ମୁଁ ଅନେକ କାଳ ଧରି କହି ଆସୁଛି ଯେ, ଇଉରୋପର ରାଷ୍ଟ୍ରମାନେ ମଧ୍ୟ ଉକ୍ତ ପରିସ୍ଥିତିର କାରଣ ସାଜିବେ ହିଁ ସାଜିବେ । କିନ୍ତୁ ଇସଲାମୀୟ ରାଷ୍ଟ୍ରମାନଙ୍କରେ ମଧ୍ୟ ଏହି ଉପଦ୍ରବରେ ନିଜର ଭାଗ ପକାଉଛନ୍ତି । ଅର୍ଥାତ୍ ଅଂଶୀଦାର ହେଉଛନ୍ତି । ପାଶ୍ଚାତ୍ୟ ଶକ୍ତି ପ୍ରଥମେ ଇସଲାମୀୟ ରାଷ୍ଟ୍ରମାନଙ୍କୁ ପରସ୍ପର ମଧ୍ୟରେ କଳହର ସୂତ୍ରପାତ କରାଇଲେ ଏବଂ ବର୍ତ୍ତମାନ ସେମାନେ ଇସଲାମୀୟ ରାଷ୍ଟ୍ରମାନଙ୍କର ସାଧନ ଓ ସମ୍ବଳ ଉପରେ ଅଧିକାର ସାବ୍ୟସ୍ତ କରିବା ନିମନ୍ତେ ଅହରହ ପ୍ରୟାସ କରୁଛନ୍ତି । ମୁସଲମାନମାନଙ୍କୁ ଏକଥା ବୁଝିନେବା ଉଚିତ୍ ଯେ, ଏହା ଦଜ୍ଜାଲୀୟ (ଶଠ, ପ୍ରବଞ୍ଚକ) ଶକ୍ତିମାନେ କେବେ ବି ମୁସଲମାନମାନଙ୍କୁ ଏକଜୁଟ ହୋଇ ରହୁଥିବାର ଦେଖି ପାରିବେ ନାହିଁ ସେମାନଙ୍କର ପ୍ରକୃତ କାର୍ଯ୍ୟସୂଚୀ ଏହା ହିଁ ଯେ, ମୁସଲମାନମାନଙ୍କ ମଧ୍ୟରେ ସର୍ବଦା ଉପଦ୍ରବ ସୃଷ୍ଟି କରାଯାଉ ।

ହୁଜୁର ଅନୱର୍ ଅ.ବ କହିଲେ, ଆମମାନଙ୍କର ଏହି କାର୍ଯ୍ୟ (ଦାୟିତ୍ୱ) ରହିଛି ଯେ,ଆଜି ଦୁଆ ମାଧ୍ୟମରେ ଈଶ୍ୱରଙ୍କ ସମ୍ମୁଖରେ ଆନତ ହେବା ଉଚିତ୍ ଏବଂ ମୁସଲମାନ ଜଗତ ନିମନ୍ତେ ମଧ୍ୟ ଦୁଆ (ପାର୍ଥନା) କରିବା ଉଚିତ୍ । ଆମେରିକା ଅନେକ ଇସଲାମୀୟ ରାଷ୍ଟ୍ରମାନଙ୍କରେ ନିଜର ସୈନ୍ୟ ଆଡ୍ଡ଼ା ସ୍ଥାପନ କରି ରଖିଛି। କିନ୍ତୁ କେଉଁଠି ପାଇଁ? କ'ଣ ସେହି ରାଷ୍ଟ୍ରମାନଙ୍କର ସୁରକ୍ଷା ନିମନ୍ତେ ଆମେରିକା ସୈନ୍ୟ ଆଡ୍ଡ଼ା ସ୍ଥାପନ କରିଛି ? ସେହି ଆରବ୍ୟ ରାଷ୍ଟ୍ରମାନଙ୍କୁ କାହା ଠାରୁ ବିପଦ ରହିଥିଲା ? ସେହି ଶକ୍ତିମାନେ ନିଜେ ବିପଦ ସୃଷ୍ଟି କଲେ ଏବଂ ପୁନଶ୍ଚ ଇସଲାମୀୟ ରାଷ୍ଟ୍ରମାନଙ୍କୁ ଏହି ମନ୍ତବ୍ୟ ପ୍ରଦାନ କଲେ ଯେ, ହେ ଇସଲାମୀୟ ରାଷ୍ଟ୍ରମାନେ ! ତୁମମାନଙ୍କ ପ୍ରତି ବିପଦ ରହିଛି । ତେଣୁ ତୁମମାନଙ୍କ ସୁରକ୍ଷା ଲାଗି ଏହି ବ୍ୟବସ୍ଥା କରାଯାଉଛି । ମୁସଲମାନ ରାଷ୍ଟ୍ରମାନଙ୍କୁ ଯେଉଁ ପ୍ରକୃତ ବିପଦ ରହିଛି ତା' ବିରୁଦ୍ଧରେ ତ' ଏମାନେ ସୈନ୍ୟ ଠିକଣା କେବେ ବି ବ୍ୟବହାର କରିବେ ନାହିଁ ।

ଇରାନ୍ ସର୍ବଦା ସେହି ଦେଶମାନଙ୍କୁ କଣ୍ଟା ପରି ଲାଗୁଥିଲା । ଇସ୍ରାଇଲ୍ ବିରୁଦ୍ଧରେ ଇରାନର ନୀତି ଅତ୍ୟନ୍ତ ଭୟଙ୍କର ଥିଲା, ଅନ୍ୟାନ୍ୟ ଇସଲାମୀୟ ରାଷ୍ଟ୍ରମାନଙ୍କ ଆସ୍ଥା। ବିପରୀତ ମଧ୍ୟ ଥିଲା । ସେହି ଅସ୍ଥାର ସୁଯୋଗ ଅନ୍ୟ ଆନ୍ତର୍ଜାତିକ ରାଷ୍ଟ୍ରମାନେ ଲାଭ ଉଠାଇଲେ ଏବଂ ନିଜର ଉପସ୍ଥିତି ସେହି ଭୂମିରେ ସୁନିଶ୍ଚିତ କରିନେଲେ । ସେହି ସୈନ୍ୟ ଠିକଣା ଯୋଗୁଁ ଆରବ୍ୟ ରାଷ୍ଟ୍ରମାନଙ୍କ ଉପରେ ବିପଦ ରହିଥିଲା ଏବଂ ଆକ୍ରମଣ ମଧ୍ୟ ହେଲା ଓ ସେହି ଆକ୍ରମଣରୁ ଆରବ୍ୟ ରାଷ୍ଟ୍ରମାନଙ୍କର ଧନ ସମ୍ପତ୍ତି ଧ୍ୱଂସ ହେଲା । ଏହି ସ୍ଥିତିର ଲାଭ ସେହି ଆନ୍ତର୍ଜାତିକ ଶକ୍ତିମାନଙ୍କୁ ହିଁ ହୋଇଛି ଏବଂ ଭବିଷ୍ୟତରେ ମଧ୍ୟ ସେମାନଙ୍କ ଲାଭ ମିଳିବ ।

ହୁଜୁର ଅନୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଇରାକ୍ ଯୁଦ୍ଧ ସମୟରେ ଏହା କହିଥିଲେ ଯେ,ଏ ଏହି ଉପଦ୍ରବ ବର୍ତ୍ତମାନ ତେଜୁଛି ଓ ବୃଦ୍ଧି ପାଇବ। ଏପରି ହୁଅନ୍ତା କି ! ମୁସଲମାନ ରାଷ୍ଟ୍ରମାନେ ତହିଁରୁ ନୀତିଶିକ୍ଷା ଗ୍ରହଣ କରନ୍ତୁ । ଏହି ଅଶାନ୍ତି, ଏହି ବିଶୃଙ୍ଖଳା ସେହି ଆନ୍ତର୍ଜାତିକ ଶକ୍ତିମାନେ ପ୍ରସାରିତ କରିଛନ୍ତି ଏବଂ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ କୌଣସି ବିଶେଷ ବିଧାନ ହେବ (କୃପା ହେବ ନାହିଁ) ନାହିଁ ସେପର୍ଯ୍ୟନ୍ତ ପ୍ରକାଶ୍ୟ ରୂପେ ତାହା (ଯୁଦ୍ଧ) ଅଟକିଯିବାର ସମ୍ଭାବନା ଦୃଶ୍ୟମାନ ହେଉ ନାହିଁ । ସେ ଯାହା ହେଉ ଏଥି ନିମନ୍ତେ ମଧ୍ୟ ସେମାନଙ୍କୁ ଉଦ୍ୟମ କରିବାକୁ ପଡ଼ିବ ଏବଂ ଆମମାନଙ୍କୁ ମଧ୍ୟ ଏଥି ନିମନ୍ତେ ଦୁଆ ମଧ୍ୟ କରିବା ଉଚିତ୍ ।

ଏହି ଅତ୍ୟାଚାର ଯେଭଳି ଭାବରେ ଦିନକୁ ଦିନ ବୃଦ୍ଧା ପାଉଛି, ତହିଁରୁ ଏହା ପ୍ରତୀୟମାନ ହୁଏ ଯେ, ବ୍ୟାପକ ରୂପେ ବିଶ୍ୱ ଯୁଦ୍ଧ ହେବ । କେବଳ ସେତିକି ନୁହେଁ ବରଂ କେତେକ ପାଶ୍ଚାତ୍ୟ ସମାଲୋଚକମାନଙ୍କ ମତରେ (ତୃତୀୟ) ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । ମୁଁ (ହୁଜୁର୍ ଅନୱର୍ ଅ.ବ) ମଧ୍ୟ ଏହା ହିଁ କହୁଛି ଯେ, ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ସାରିଛି । କିନ୍ତୁ ଏବେ ବି ସମୟ ରହିଛି ଯେ, ଯଦି ମୁସଲମାନ ଜଗତ ବୁଦ୍ଧିକୁ ବିନିଯୋଗ କରନ୍ତି ତେବେ ଏବେ ମଧ୍ୟ ଦଜ୍ଜାଲର ଉପଦବ୍ର ଠାରୁ ସୁରକ୍ଷିତ ରହିପାରିବେ ।

ହୁଜୁର ଅନୱର୍ ଅ.ବ କହିଲେ, ମଧ୍ୟ ପ୍ରାଚ୍ୟରେ ଯେଉଁ ଯୁଦ୍ଧ ଚାଲିଛି ସେଥି ସଂକ୍ରାନ୍ତରେ କହିବାକୁ ଗଲେ ଏହି ଯୁଦ୍ଧ ଆମେରିକା ଇରାନ୍ ଉପରେ ଆରମ୍ଭ କରିଛି। କିନ୍ତୁ ଇରାନ୍ ପ୍ରଥମେ ଚେତାବନୀ ଦେଇଥିଲା ଯେ, ଯଦି ଆମ ଉପରେ ଆକ୍ରମଣ ହେଲା ତେବେ ଆରବ ଦେଶରେ ସ୍ଥାପିତ ଆମେରିକାର ସୈନ୍ୟ ଠିକଣା ଉପରେ ମଧ୍ୟ ଆମେ ଆକ୍ରମଣ କରିବୁ । ଠିକ୍ ତାହା ହିଁ ହେଲା କିନ୍ତୁ ଏହି ଅଭିଶପ୍ତ ଆମେରିକାମାନେ ପରିବର୍ତ୍ତନର ସ୍ଲୋଗାନ ଦେଉଥିଲେ । କିନ୍ତୁ ସେମାନଙ୍କୁ କ'ଣ ବା ପ୍ରାପ୍ତ ହେଲା ? ଖାମନେଇ ସାହେବଙ୍କୁ ତ' ଶାହାଦତ୍ (ବୀରଗତି)ର ମର୍ଯ୍ୟାଦା ପ୍ରାପ୍ତ ହେଲା ଏବଂ ସ୍ୱର୍ଗତଙ୍କର ସମ୍ମାନ ମଧ୍ୟ ବୃଦ୍ଧ ପାଇଲା, ତାଙ୍କର ସଂପୂର୍ଣ୍ଣ ବଂଶକୁ ମାରି ଦିଆଗଲା । ଅତଏବ୍ ତହିଁରୁ ପରିବର୍ତ୍ତନ କ'ଣ ବା ହୋଇଥାଆନ୍ତା, ତାଙ୍କର ଜାତି ଆହୁରି ଅଧିକ ଭାବରେ ଏକତ୍ରିତ ହୋଇଗଲା ।

ହୁଜୁର ଅନୱର୍ ଅ.ବ କହିଲେ, ମଧ୍ୟ ପ୍ରାଚ୍ୟର ଆରବ୍ୟ ଦେଶମାନଙ୍କରେ ପ୍ରତିରକ୍ଷା ଶକ୍ତି ବିଶେଷ ସେତେଟା ନାହିଁ, ସେମାନେ ସଂପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଦେଶ ଏବଂ ପାଶ୍ଚାତ୍ୟ ଶକ୍ତି ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରଶୀଳ ଅଟନ୍ତି । ଉକ୍ତ ଯୁଦ୍ଧଟି ବର୍ତ୍ତମାନେ ଉଗ୍ର ରୂପ ନେଇ ସାରିଛି । ଆରବ୍ୟ ଶକ୍ତିମାନଙ୍କୁ ଏକ ପକ୍ଷରେ ତୈଳ କୂପ ବନ୍ଦ୍ ହେବା ଯୋଗୁଁ ପ୍ରଭୂତ (ବହୁତ) କ୍ଷତି ହେଉଛି ଏବଂ ମହଙ୍ଗା ମାଡ଼ ତଥା ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି ସେଠାରେ ସେମାନଙ୍କୁ ଉକ୍ତ ଯୁଦ୍ଧରେ ଆମେରିକୀୟ ପ୍ରତିରକ୍ଷା ସୁବିଧା ପ୍ରାପ୍ତ କରିବା ନିମନ୍ତେ ଦେୟ ମଧ୍ୟ ଦେବାକୁ ପଡୁଛି । ସେହି କାରଣରୁ ଆରବ୍ୟ ଜଗତର ବହୁତ କ୍ଷତି ହେବ ।

ଆମେରିକୀୟ ରାଷ୍ଟ୍ରପତି ବିଗତ ଆମେରିକୀୟ ନୀତି ଉପରେ ହିଁ କାର୍ଯ୍ୟାନୁସରଣ କରୁଛନ୍ତି । ଏହା ସେମାନଙ୍କର ଆଜିକାର ନୀତି ନୁହେଁ ବରଂ ବହୁତ ପୁରୁଣା ନୀତି ରହି ଆସିଛି । ଯେଉଁଠି ଇଚ୍ଛା ହେଲା ସେଠାକାର ଭୂଭାଗ ଉପରେ ଅଧିକାର କରି ତା'ର ଔଚିତ୍ୟତା ମଧ୍ୟ ଉପସ୍ଥାପିତ କର । କାହିଁକିନା ଏହି କାରଣ ହେଲା, ସେହି କାରଣ ହେଲା (ଅମକ ହେଲା, ସମକ ହେଲା) । ଯେଉଁ ରାଷ୍ଟ୍ର ସେମାନଙ୍କ ସହିତ ସାମିଲ ନହୁଏ ତେବେ ତା ବିରୁଦ୍ଧରେ ସେମାନେ କାର୍ଯ୍ୟାନୁଷ୍ଠାନ ନିଅନ୍ତି ଏବଂ ସେମାନଙ୍କୁ ଧମକ ଦେଇ ସେମାନଙ୍କ ଠାରୁ କାମ ଆଦାୟ କରାଯାଏ । ଯେଉଁଠି ନ୍ୟାୟ ନଥାଏ ସେଠାରେ ପୁଣି ବିନାଶା ହିଁ ଆସିଥାଏ । ସେହି ମହା ଶକ୍ତିମାନେ ଶତାଧିକ ଛୋଟ ପିଲା ଏବଂ ନିରୀହ ଲୋକମାନଙ୍କୁ ମାରି ଦେଇଛନ୍ତି । ଏହା କେମିତିଆ ଯୁଦ୍ଧ, ଯେଉଁ ଯୁଦ୍ଧରେ ନିରୀହ ଛୋଟ ପିଲା ତଥା ଶିଶୁମାନଙ୍କୁ, ବିଦ୍ୟାଳୟ ଉପରେ ବୋମା ବର୍ଷଣ କରାଯାଉଥି ଏବଂ କେହିନ ପଚାରିଲା ବାଲା ନାହିଁ ?

ଇସଲାମ୍ ଧର୍ମ ଏକେଶ୍ୱରବାଦ ନିମନ୍ତେ ଆସିଥିଲା ଏବଂ ସେହି ଅଭିପ୍ରାୟ ସକାସେ ମୁସଲମାନ ରାଷ୍ଟ୍ରମାନଙ୍କୁ ଉଦ୍ୟମ କରିବା ଉଚିତ୍ ଓ ଏକ ହେବା ଉଚିତ୍ । ସେହି ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ନିଜର ଈଶ୍ୱର ବୋଲି ମନେକରନ୍ତୁ ନାହିଁ । ଅନ୍ୟଥା ଏହି ମହାଶକ୍ତିମାନେ ଜଣ ଜଣ କରି ସମସ୍ତ ଇସଲାମୀୟ ରାଷ୍ଟ୍ରମାନଙ୍କ ଉପରେ ଏବଂ ସେମାନଙ୍କର ପ୍ରାକୃତିକ ଏବଂ କୃତ୍ରିମ ସମ୍ବଳ ଉପରେ ଅଧିକାର କରିନେବେ। ପବିତ୍ର କୁରଆନ୍ କରୀମ୍ ମୁସଲମାନମାନଙ୍କୁ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରିଛି ଯେ, ଯଦି ବିଶ୍ୱାସକାରୀମାନଙ୍କର ଦୁଇ ଗୋଷ୍ଠୀ ପରସ୍ପର ମୁହାମୁହିଁ ହୋଇ ଯୁଦ୍ଧ କରନ୍ତି ତେବେ ସେମାନଙ୍କ ମଧ୍ୟରେ ଶାନ୍ତି ଓ ସନ୍ଧି ସ୍ଥାପନ କରାଇଦିଅ । ପୁନଶ୍ଚ ଶାନ୍ତି ଏବଂ ସନ୍ଧି ହୋଇଯିବା ପରେ ସେମାନଙ୍କ ମଧ୍ୟରୁ କେହି ବି ଅନ୍ୟ ଉପରେ ଯଦି ଆକ୍ରମଣ କର ତେବେ ଯୁଦ୍ଧ କରିଥିବା ପକ୍ଷ ଉପରେ ସମସ୍ତେ ମିଶି ଯୁଦ୍ଧ (ଆକ୍ରମଣ) କର ।

## (ଖୁତ୍‌ବା ଜୁମା)

"ଆଁହଜରତ୍ ସ.ଅ କେବେ ଆଶା ପୋଷଣ କରୁ ନଥିଲେ ଯେ, ଲୋକମାନେ ଆପଣ ସ.ଅଙ୍କୁ ବାର୍ତ୍ତାବହ ବୋଲି ସମ୍ବୋଧନ କରନ୍ତୁ ଏବଂ ଆପଣ ସ.ଅଙ୍କ ଆଜ୍ଞା ପାଳନ କରନ୍ତୁ । ସେଇଥି ପାଇଁ ଆପଣ ସ.ଅ ଏକ ଗୁମ୍ଫା ଯାହାକି କବର ଠାରୁ ଅଧିକ ସଂକୀର୍ଣ୍ଣ ଥିଲା ତାହା ମଧ୍ୟକୁ ଯାଇ ଉପାସନା କରୁଥିଲେ । ଆପଣ ସ.ଅ କେବେ ବି ଏହା ଚାହୁଁ ନଥିଲେ ଯେ, ଆପଣ ସ.ଅ ସେହି ଗୁମ୍ଫା ମଧ୍ୟରୁ ବାହାରକୁ ଆସନ୍ତୁ । ପରିଶେଷରେ ଈଶ୍ୱରଙ୍କ ଆଜ୍ଞା ଅନୁଯାୟୀ ଆପଣ ସ.ଅଙ୍କୁ ସ୍ୱୟଂ ବାହାରକୁ ଆସିବାକୁ ପଡ଼ିଲା ଏବଂ ଆପଣ ସ.ଅଙ୍କ ମାଧ୍ୟମରେ ଅଲ୍ଲାଃତାଲା ସଂସାରରେ ନିଜର ଆଲୋକକୁ ପରିପ୍ରକାଶିତ କଲେ । "

(ହଜରତ୍ ମସିହ୍ ମଉଦ୍ [ଅ.ସ])

ଉପାସନା ଈଶ୍ୱର ପ୍ରେମ ବ୍ୟତୀତ କଦାପି ହୋଇପାରିବ ନାହିଁ ଓ ଈଶ୍ୱର ପ୍ରେମ ଉପାସନା ବ୍ୟତୀତ କଦାପି ହୋଇପାରିବ ନାହିଁ । ମନ ଭିତରେ ଯଦି ପ୍ରକୃତ ପ୍ରେମ ଓ ଆନ୍ତରୀକତା ନାହିଁ ତେବେ ପ୍ରକୃତ ଉପାସନା କଦାପି ସମ୍ଭବପର ନୁହେଁ ।

ଯେତେବେଳେ ଆଁହଜରତ୍ ସ.ଅ ଆମମାନଙ୍କୁ ପ୍ରଭୁଙ୍କ ଆଦେଶାବଳୀ ପ୍ରଦାନ କଲେ ସେତେବେଳେ ସେହି ଆଦେଶାବଳୀକୁ ମଧ୍ୟ ଆପଣ ସ.ଅ ନିଜର କୃତ୍ୟ ଦ୍ୱାରା ମଧ୍ୟ କାର୍ଯ୍ୟକାରୀ କରି ଦେଖାଇଲେ । ତତ୍ପରେ ଆପଣ ସ.ଅ ଆମମାନଙ୍କର ଧ୍ୟାନ ଆକର୍ଷଣ କଲେ ଯେ, ପ୍ରକୃତ ଆଜ୍ଞାବହତ୍ୱ ତଥା ଆଜ୍ଞା ପାଳନ ସେତେବେଳେ ପୂର୍ଣ୍ଣ ହେବ ଯେତେବେଳେ ଆମେମାନେ ନିଜକୁ ଉକ୍ତ ସ୍ତର ପର୍ଯ୍ୟନ୍ତ ଆଣିବା ନିମନ୍ତେ ଉଦ୍ୟମ କରିବୁ । ଆପଣ ସ.ଅଙ୍କ ସେହି ଦୁଆ ଯାହା ଆପଣ ସ.ଅ ନିଜର ଧର୍ମାବଲମ୍ବୀମାନଙ୍କ ନିମନ୍ତେ କରିଛନ୍ତି ତାହା ସେତେବେଳେ ଆମମାନଙ୍କୁ କୋଳାଗ୍ରତ କରିବ ଏବଂ ଆମମାନଙ୍କୁ ଲାଭ ପ୍ରଦାନ କରିବ ଯେତେବେଳେ ଆମେମାନେ ଆପଣ ସ.ଅଙ୍କ ଆଦର୍ଶ ଏବଂ ଆଦେଶାବଳୀକୁ ସର୍ବଦା ନିଜର ଦୃଷ୍ଟି ସମ୍ମୁଖରେ ରଖିବା ନିମନ୍ତେ ଉଦ୍ୟମ କରୁଥିବୁ । କେବଳ ଲୋକ ଦେଖାଣିଆ ଏବଂ ବଡ଼ ବଡ଼ (ବାହପିଆ) କଥା କହି ଦେବା ଦ୍ୱାରା କୌଣସି ସୁଫଳ ଏବଂ କଲ୍ୟାଣ ପ୍ରାପ୍ତ ହୋଇ ନଥାଏ ।

ଆପଣ ସ.ଅ ଈଶ୍ୱର ଉପାସନାର କୌଣସି ସୁଯୋଗକୁ ହାତ ଛଡ଼ା କରୁ ନଥିଲେ ବରଂ ଶୋଇବା ସମୟରେ ମଧ୍ୟ ଆପଣ ସ.ଅ ଈଶ୍ୱରଙ୍କ ଉପାସନା କରୁଥିଲେ। ଆପଣ ସ.ଅ କେବଳ ନିଜର ସ୍ତର ସ୍ଥାପିତ କଲେ ନାହିଁ ବରଂ ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ମଧ୍ୟ ଉପଦେଶ ମଧ୍ୟ ଦେଲେ । ଅର୍ଥାତ୍ ହେ ସାହାବାମାନେ ତୁମେମାନେ ଯଦି ଏପରି ଅର୍ଥାତ୍ ମୋ ପରି ଈଶ୍ୱରଙ୍କ ଉପାସନା ଏବଂ ସତ୍‌କର୍ମ କରିବ ତେବେ ତୁମେମାନେ ପ୍ରଭୁଙ୍କ ପ୍ରସନ୍ନତା, ତାହାଙ୍କ ପ୍ରେମ ପ୍ରାପ୍ତ କରିବ ଓ ଅଲ୍ଲାଃତାଲାଙ୍କ ଶାସ୍ତି ଠାରୁ ତୁମେମାନେ ବର୍ତ୍ତି ପାରିବ ।

ସାହାବାମାନଙ୍କର ଯେଉଁ ଆଦର୍ଶ ଆମମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଛି ତାହା ଆଁହଜରତ୍ ସ.ଅଙ୍କ ସଂସ୍କାର ଯୋଗୁଁ ହିଁ ସମ୍ଭବ ପର ହୋଇପାରିଛି । ଆପଣ ସ.ଅ ସାହାବାମାନଙ୍କର ଏପରି ସଂସ୍କାର କଲେ ଯେ, ସେମାନଙ୍କର ଉପାସନାରେ ସ୍ତର ମଧ୍ୟ ଉଚ୍ଚରୁ ଅତି ଉଚ୍ଚତର ହୋଇ ଚାଲିଲା ଏବଂ ସେମାନଙ୍କର ଅଲ୍ଲାଃତାଲାଙ୍କ ପ୍ରେମର ସ୍ତର ମଧ୍ୟ ଉଚ୍ଚତର ହୋଇ ଚାଲିଲା । ଏହା ହିଁ ସେହି ଆଦର୍ଶ ଯେଉଁ ଆଦର୍ଶ ଆପଣ ସ.ଅ ସ୍ଥାପନ କରିଥିଲେ । ଏହି ଆଦର୍ଶକୁ ଆପଣ ସ.ଅଙ୍କ ସାହାବାମାନେ ଆପଣାଇଲେ ଏବଂ ଆମମାନଙ୍କ ନିମନ୍ତେ ମଧ୍ୟ ଏହି ଆଦେଶ ରହିଛି ।

ଆଜିକାଲି ଯଦି କୌଣସି ବ୍ୟକ୍ତିକୁ ନମାଜ୍ ସଂକ୍ରାନ୍ତରେ ପଚରାଯାଏ କିମ୍ବା ଏହା କହି ଦିଆଯାଏ ଯେ, ମସ୍‌ଜିଦରେ ନମାଜ ପାଠ କରିବା ଉଚିତ୍ ତେବେ କେତେ ଜଣ ଲୋକ ଅଛନ୍ତି ଯେଉଁମାନେ ମସ୍‌ଜିଦକୁ ନମାଜ ପାଠ କରିବା ନିମନ୍ତେ ଆସୁଛନ୍ତି ? ପ୍ରତ୍ୟୁତ୍ତରରେ ଲୋକମାନେ ଆପତ୍ତି କରିବା ଆରମ୍ଭ କରି ଦିଅନ୍ତି ଯେ, ଏହା ଆମମାନଙ୍କର ବ୍ୟକ୍ତିଗତ ପ୍ରସଙ୍ଗ ଅଟେ । ଆମକୁ  ପଚାରିଲାବାଲା ତୁମେ କିଏ ବା ? ଜମାଅତ୍‌କୁ ସେହି ବ୍ୟକ୍ତିକୁ ପାରିବାର କ'ଣ ବା ଆବଶ୍ୟକତା ରହିଛି ? ଏହା ଆମର ଏବଂ ଅଲ୍ଲାଃତାଲାଙ୍କ ପ୍ରସଙ୍ଗ ଅଟେ । କିନ୍ତୁ ଆଁହଜରତ୍ ସ.ଅ ତ' ସ୍ୱୟଂ ତହଜ୍ଜୁଦ୍ ନମାଜ୍‌ର ମଧ୍ୟ ସମୀକ୍ଷା କରୁଥିଲେ ।

ରସୁଲ୍ କରୀମ୍ ସ.ଅଙ୍କ ଅପେକ୍ଷା ଅନ୍ୟ କିଏ ବା ସ୍ୱାଧୀନ ହୋଇ ପାରିବ ? କିନ୍ତୁ ଆପଣ ସ.ଅଙ୍କ ସଂପର୍କରେ ଏହା ଆସେ ଯେ, ଆପଣ ସ.ଅ ଯେତେବେଳେ ଦୁଆ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଛାତି ଭିତରୁ ଏପରି ସ୍ୱର ନିଃସୃତ (ବାହାରୁଥିଲା) ହେଉଥିଲା ଯେପରିକି ହାଣ୍ଡିରେ ଜଳ ଫୁଟିଥାଏ ଆପଣ ସ.ଅ ଏପରି କାନ୍ଦୁଥିଲେ ଯେ, ଆପଣ ସ.ଅଙ୍କ ପବିତ୍ର ଦାଢି ଆର୍ଦ୍ର (ଓଦା) ହୋଇଯାଉଥିଲା ।

ଯେତେବେଳେ ଆଁହଜରତ୍ ସ.ଅଙ୍କ ଭଳି ଜଣେ ମହାନ୍ ପୁଣ୍ୟବାନ୍ ବ୍ୟକ୍ତି ଯେକି ସମସ୍ତ ପୁଣ୍ୟବାନ୍ ବ୍ୟକ୍ତିମାନଙ୍କ ଅପେକ୍ଷା ସର୍ବାଧିକ ପୁଣ୍ୟ ସମ୍ପାଦନକାରୀ ତଥା ପୁଣ୍ୟର ଅଧିପତି ଅଟନ୍ତି ସେ ଯଦି କର୍ମରୁ ବହିର୍ଭୂତ (ନିଃସ୍ପୃହ) ନୁହନ୍ତି, ତାହାହାଲେ ଅନ୍ୟ ଲୋକମାନେ କିପରି କର୍ମରୁ ବହିର୍ଭୂତ (ନିଃସ୍ପୃହ) ହୋଇପାରିବେ? ଅନ୍ୟ ଲୋକମାନେ କିପରି କହି ପାରିବେ ଯେ, ଆମେମାନେ କର୍ମ ବହିର୍ଭୂତ (ନିଃସ୍ପୃହ) ଅଟୁ ? ଆମମାନଙ୍କୁ କର୍ମର ଆବଶ୍ୟକତା ନାହିଁ । ଅଲ୍ଲାଃତାଲା (ସାମର୍ଥ୍ୟ) ପ୍ରଦାନ କରିଦେବେ । ଏହା ତ' ଅବିଶ୍ୱାସାକାରୀମାନଙ୍କର କଥନ ବିଶ୍ୱାସକାରୀମାନଙ୍କର କଥନ ନୁହେଁ ।

ଯେହେତୁ ଆଁହଜରତ୍ ସ.ଅ ସର୍ବଦା ଏହି ଚର୍ଚ୍ଚା କରୁଥିଲେ । ଅର୍ଥାତ୍ ରାତ୍ର ସମୟରେ ଆପଣ ସ.ଅ ଆୟତୁଲ୍ କୁର୍ସି ପାଠ ଓ 3 କୁଲ୍ ପାଠ କରୁଥିଲେ । ତେଣୁ ଉକ୍ତ ପରମ୍ପରାକୁ ମଧ୍ୟ ପ୍ରତ୍ୟେକ ମୁସଲମାନ ଜାରି ରଖିବା ଉଚିତ୍ । କେବଳେ ସେତିକି ନୁହେଁ ବରଂ ଏହାକୁ ନିଜ ଜୀବନର ଜରୁରୀ ଅଂଗ କରିନେବା ଉଚିତ୍ । ନମାଜ୍‌ରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହେବାର ଯେଉଁ ସ୍ତର ରହିଛି  ତାହା ପ୍ରଥମେ ପ୍ରାପ୍ତ କରିବାର ଆବଶ୍ୟକତା ରହିଛି । ତତ୍ପରେ ନୱାଫିଲ୍ ରହିଛି ପୁନଶ୍ଚ ତତ୍ପରେ ଈଶ୍ୱର ଚର୍ଚ୍ଚା ରହିଛି । ଈଶ୍ୱର ଚର୍ଚ୍ଚା ମନୁଷ୍ୟକୁ ଅତିରିକ୍ତ ପୁଣ୍ୟାବଳୀ ଆଡକୁ ଆକର୍ଷିତ କିରଥାଏ । ଅର୍ଥାତ୍ ପୁଣ୍ୟ କର୍ମ ସମ୍ପାଦନ କରିବା ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ । କିନ୍ତୁ ତତ୍‌ସହିତ ଅନ୍ୟ ଚରିତ୍ର, କର୍ମ, କୃତ୍ୟ ଇତ୍ୟାଦି ମଧ୍ୟ ସମ୍ପାଦନ କରିବା ମଧ୍ୟ ବିଧେୟ ଅଟେ । ମନୁଷ୍ୟକୁ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ମଧ୍ୟ ଅଧିକାରୀ ହେବା ଉଚିତ୍ । ଅଲ୍ଲାଃତାଲାଙ୍କର ସାନ୍ନିଧ ଓ ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରିବା, ନିଜ ସମସ୍ୟାର ସମାଧାନ ଏବଂ ନିଜର ଦୁଆ (ପ୍ରାର୍ଥନା)ର ସ୍ୱୀକୃତି ନିମନ୍ତେ ଜରୁରୀ ଅଟେ । କାରଣ ଅଲ୍ଲାଃତାଲାଙ୍କ ପ୍ରତ୍ୟେକ ଆଦେଶାବଳୀକୁ କାର୍ଯ୍ୟାକାରୀ କରାଯାଉ । ସେହିସବୁ ଆଦେଶାବଳୀଗୁଡ଼ିକୁ ଏପରି କାର୍ଯ୍ୟକାରୀ ବା କାର୍ଯ୍ୟାନୁସରଣ କରାଯିବା ଉଚିତ୍ ଯେପରି ଆଁହଜରତ୍ ସ.ଅ ଆମମାନଙ୍କୁ କରି ଦେଖାଇଛନ୍ତି । ତେଣୁ ଏଥି ନିମନ୍ତେ ଉଦ୍ୟମ କରାଯିବ ଉଚିତ୍ ଓ ଆପଣ ସ.ଅଙ୍କ ପୂର୍ଣ୍ଣ ପ୍ରଥା ଉପରେ କାର୍ଯ୍ୟାନୁସରଣ କରାଯିବା ଉଚିତ୍ ।

ଆମେମାନେ ଆପଣ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହୋଇ ଆପଣ ସ.ଅଙ୍କୁ ସ୍ୱୀକାର କରିଛୁ ଓ ଆପଣ ସ.ଅଙ୍କୁ ଶୁଭ ସୂଚନା ପ୍ରଦାନକାରୀ ଅବତାର ରୂପେ ସ୍ୱୀକାର କରିଛୁ । ସେହିସବୁ ଶୁଭ ସୂଚନା ଆମେମାନେ ସେତେବେଳେ ପ୍ରାପ୍ତ କରି ପାରିବୁ ଯେତେବେଳେ ଆମେମାନେ ନିଜ ଉପସାନର କର୍ତ୍ତବ୍ୟ ନିର୍ବାହକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ ଓ ଆପଣ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହେବା ନିମନ୍ତେ ସେହି ସ୍ତରକୁ ମଧ୍ୟ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିଥିବୁ ।

ଆଁହଜରତ୍ ସ.ଅଙ୍କ ଈଶ୍ୱର ଉପାସନାର ହୃଦୟାସୀନ ଏବଂ ମନମୁଗ୍ଧକର ଚର୍ଚ୍ଚ ।

06 Februaury 2026 ମସିହା ଅନୁଯାୟୀ ୦୬ ତବଲିଗ୍  ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାରଉକ୍ତମଧ୍ୟବର୍ତ୍ତୀଟୀକାବଦର୍‌ରସମ୍ପାଦକୀୟମଣ୍ଡଳୀଓଅଲ୍‌ଫଜଲ୍‌ଲଣ୍ଡନ୍‌ରସମ୍ପାଦକୀୟମଣ୍ଡଳୀଙ୍କପକ୍ଷରୁକୃତଜ୍ଞତାରସହିତପ୍ରକାଶିତକରାଯାଉଛିରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ଅଲ୍ଲାଃତାଲା ଆମମାନଙ୍କୁ କହିଛନ୍ତି ଯେ, ଆଁହଜରତ୍ ସ.ଅ ଆମମାନଙ୍କ ନିମନ୍ତେ ସର୍ବୋଚ୍ଚ ଆଦର୍ଶ ଅଟନ୍ତି ଏବଂ ପ୍ରତ୍ୟେକ ପ୍ରସଙ୍ଗରେ ଆପଣ ସ.ଅ ହିଁ ଆମମାନଙ୍କ ନିମନ୍ତେ ସର୍ବୋଚ୍ଚ ଆଦର୍ଶ ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ୍ ସ.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ଆପଣ ସ.ଅଙ୍କ ଈଶ୍ୱର ପ୍ରେମ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ଆପଣ ସ.ଅଙ୍କ ଉପାସନାର ସ୍ତରର ମଧ୍ୟ ଚର୍ଚ୍ଚା ଚାଲିଥିଲା । ମୁଁ ଭାବୁଥିଲି ଯେ, ଈଶ୍ୱର ପ୍ରେମ ପରେ ପରବର୍ତ୍ତୀ ବିଷୟବସ୍ତୁ "ଆଁହଜରତ୍ ସ.ଅଙ୍କ ଉପାସନା" ବର୍ଣ୍ଣନା କରିବି। କିନ୍ତୁ ଈଶ୍ୱର ପ୍ରେମ ଯେତେବେଳେ ଆରମ୍ଭ ହେଲା ସେତେବେଳେ ଉପାସନାର ମଧ୍ୟ ଅନେକ ଘଟଣାବଳୀ ତହିଁରେ ଆସିଯାଇଛି । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ମୁଁ ଆଜି ବର୍ଣ୍ଣନା କରିବି । ମୋର ଇଚ୍ଛା ସତ୍ତ୍ୱେ ମଧ୍ୟ ମୁଁ ଏହି ଦୁଇଟି ବିଷୟବସ୍ତୁ ଅର୍ଥାତ୍ ଈଶ୍ୱର ପ୍ରେମ ଓ ଈଶ୍ୱରଙ୍କର ଉପାସନାର ସ୍ତରକୁ ପୃଥକ୍ କରି ପାରିଲି ନାହିଁ । କାରଣ ଦୁହେଁ ପରସ୍ପର ପରିପୂରକ ଅଟନ୍ତି । ଉପାସନା ଈଶ୍ୱର ପ୍ରେମ ବ୍ୟତୀତ ହୋଇପାରିବ ନାହିଁ ଓ ଈଶ୍ୱର ପ୍ରେମ ଉପାସନା ବ୍ୟତୀତ କଦାପି ହୋଇପାରିବ ନାହିଁ । ମନ ଭିତରେ ଯଦି ପ୍ରକୃତ ପ୍ରେମ ଓ ଭକ୍ତି ନାହିଁ ତେବେ ପ୍ରକୃତ ଉପାସନା କଦାପି ସମ୍ଭବପର ହୋଇପାରିବ ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଏଥି ସଂକ୍ରାନ୍ତରେ ଆଜି ମୁଁ ଅତିରିକ୍ତ ପ୍ରସଙ୍ଗ ବର୍ଣ୍ଣନା କରିବି । ତେଣୁ ମୁଁ ଉପାସନାର ପ୍ରାମାଣ୍ୟମାନ ସଂଗ୍ରହ କରିଛି। କିନ୍ତୁ ବିଗତ ଖୁତ୍‌ବାରେ ମଧ୍ୟ ମୁଁ ବର୍ଣ୍ଣନା କରିଥିଲି ଯେ, ଏହାର ଶେଷ ଅଲ୍ଲାଃତାଲାଙ୍କ ପ୍ରେମ ଓ ଆନ୍ତରୀକତା ଠାରେ ହିଁ ଯାଇ ସମାପ୍ତ ହୋଇଥାଏ । ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ଏହି ପ୍ରେମର ସ୍ତରକୁ ପବିତ୍ର କୁରଆନ୍ କରୀମ୍‌ରେ ଯେପରି ବର୍ଣ୍ଣା କରିଛନ୍ତି ତାହାର ସ୍ପଷ୍ଟୀକରଣ ମୁଁ ବିଗତ ଖୁତ୍‌ବାରେ ଏକ ଆୟତକୁ ଆୟୁଦ୍ଧ କରି ପ୍ରଦାନ କରି ସାରିଛି । قُلْ اِنَّ صَلَاتِيْ وَنُسُكِيْ وَمَحْيَايَ وَمَمَاتِيْ لِلّٰهِ رَبِّ الْعٰلَمِيْنَ **(ଅଲ୍ ଅନଆମ୍: 163)** ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ସେମାନଙ୍କୁ କୁହ, "ଆମ୍ଭର ନମାଜ ଏବଂ ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ଆମ୍ଭର ମୃତ୍ୟୁ ସମସ୍ତ ଜଗତର ପାଲକର୍ତ୍ତା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି କି ଉକ୍ତ ଆୟତ୍‌ର ସ୍ପଷ୍ଟୀକରଣ ବିଗତ ଖୁତ୍‌ବାରେ ହୋଇ ସାରିଛି । ତେଣୁଁ ମୁଁ ଆଉ ପୁନଃ ଏହାକୁ ବର୍ଣ୍ଣନା କରିବା ଆବଶ୍ୟକ ବୋଲି ମନେକରୁ ନାହିଁ । ଅଲ୍ଲାଃତାଲା ପୁନଶ୍ଚ ଆପଣ ସ.ଅଙ୍କୁ ଘୋଷଣା କରି କହିଲେ, فَاتَّبِعُوْنِيْ يُحْبِبْكُمُ اللّٰهُ **(ଆଲେ ଇମ୍ରାନ୍: 32)** ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ସେମାନଙ୍କୁ କୁହ, ହେ ଲୋକମାନେ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ (ଭଲ ପାଉଛ) ତେବେ ଆମ୍ଭଙ୍କୁ ଅନୁସରଣ କର ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଓ ତୁମମାନଙ୍କର ଦୋଷ ଦୁର୍ବଳତାକୁ କ୍ଷମା କରିଦେବେ। ଯଦି ତୁମେମାନେ ମୋତେ ଅନୁକରଣ କର, ମୋର ଆଜ୍ଞା ପାଳନ କର ତେବେ ଅଲ୍ଲାଃତାଲା ମଧ୍ୟ ତୁମକୁ ପ୍ରେମ କରିବେ ଏବଂ ସେତେବେଳେ ଯାଇ ତୁମେମାନେ ଅଲ୍ଲାଃତାଲାଙ୍କ ପ୍ରେମକୁ ପ୍ରାପ୍ତ କରିବାକୁ ସକ୍ଷମ ହୋଇପାରିବ । ଅତଏବ୍ ଅଲ୍ଲାଃତାଲା ଏହି ଘୋଷଣା କରିବା ନିମନ୍ତେ ଆଁହଜରତ୍ ସ.ଅଙ୍କୁ କହି ଆମମାନଙ୍କୁ ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଯେ, ହେ ମୁସଲମାନମାନେ ! ତୁମେମାନେ ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କର ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଉପାସନା ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଆପଣ ସ.ଅଙ୍କ ମାଧ୍ୟମରେ ଆମମାନଙ୍କୁ ଅସଂଖ୍ୟ ଆଦେଶାବଳୀ ପ୍ରଦାନ କରିଛନ୍ତି । ପବିତ୍ର କୁରଆନ୍ କରୀମ୍‌ର ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ **(ଅଜ୍ ଜାରିୟାତ୍: 57)** ଅର୍ଥାତ୍ ଆମ୍ଭେ ଜିନ୍ ଓ ଇନ୍‌ସ୍ (ମାନବ)ମାନଙ୍କୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ । ଅତଏବ୍ ଆଁହଜରତ୍ ସ.ଅ ସ୍ପଷ୍ଟ କହିଲେ, ଯେ, ହେ ସାହାବାମାନେ (ଓ ମୁସଲମାନମାନେ) ! ତୁମେମାନେ ଯଦି ମୋତେ ଅନୁକରଣ କରିବାକୁ ଚାହୁଁଛ ତେବେ ଶୁଣ ! ମୁଁ ଯେପରି ମାନବକୁ ସୃଷ୍ଟିର ଅଭିପ୍ରାୟର ଅବବୋଧ ପ୍ରାପ୍ତ କଲି, ଠିକ୍ ସେହିପରି ତୁମେମାନେ ମଧ୍ୟ ଏହି ଅବବୋଧ ପ୍ରାପ୍ତ କର ଏବଂ ତାହାଙ୍କ (ପ୍ରଭୁଙ୍କ)କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଉଦ୍ୟମ କର । ତୁମେମାନେ ସେତେବେଳେ ଯାଇ ନିଜର ଅଭିପ୍ରାୟକୁ ପ୍ରାପ୍ତ କରିପାରିବ ଓ ସେତେବେଳେ ଯାଇ ତୁମେମାନେ ପ୍ରଭୁଙ୍କ ପ୍ରେମକୁ ପ୍ରାପ୍ତ କରିପାରିବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଏକ ସ୍ଥାନରେ ଉପାସନା ଆଡ଼କୁ ଧ୍ୟାନ ଆକର୍ଷଣ କରି ଅଲ୍ଲାଃତାଲା କୁହନ୍ତି: يٰۤاَيُّهَا النَّاسُ اعْبُدُوْا رَبَّكُمُ الَّذِيْ خَلَقَكُمْ وَالَّذِيْنَ مِنْ قَبْلِكُمْ لَعَلَّكُمْ تَتَّقُوْنَ **(ଅଲ୍ ବକ୍‌ରାହ୍: 22)** ଅର୍ଥାତ୍ "ହେ ଲୋକମାନେ ! ନିଜ ପାଳନକର୍ତ୍ତାଙ୍କର ଉପାସନା କର ଯେ, ତୁମମାନଙ୍କୁ ଓ ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କୁ ସୃଷ୍ଟି କରିଛନ୍ତି, ତା' ହେଲେ ତୁମେମାନେ ପ୍ରତ୍ୟେକ ପ୍ରକାରର ବିପଦରୁ ରକ୍ଷା ପାଇବ ।" ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରାପ୍ତ କରିବା ଏବଂ ଧର୍ମପରାୟଣତା ଅବଲମ୍ବନ କରିବା ନିମନ୍ତେ ଏହା ବିଧେୟ ଯେ, ଅଲ୍ଲାଃତାଲାଙ୍କ ଉପାସନା କରାଯାଉ ଓ ତାହାଙ୍କ ଉପାସନାର ସ୍ତରକୁ ଆହୁରି ଉଚ୍ଚ କରାଯାଉ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଅଲ୍ଲାଃତାଲା କୁହନ୍ତି: يٰۤاَيُّهَا الَّذِيْنَ اٰمَنُوا ارْكَعُوْا وَاسْجُدُوْا وَاعْبُدُوْا رَبَّكُمْ وَافْعَلُوا الْخَيْرَ لَعَلَّكُمْ تُفْلِحُوْنَ **(ଅଲ୍ ହଜ୍: 78)** ଅର୍ଥାତ୍ "ହେ ବିଶ୍ୱାସାକାରୀମାନେ ! ତୁମେମାନେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ରୁକୁ ଅର୍ଥାତ୍ ମସ୍ତକ ଅବନତ କର, ସିଜ୍‌ଦା କର ଏବଂ ନିଜ ପାଳନକର୍ତ୍ତାଙ୍କ ଉପାସନା କର ଓ ପୁଣ୍ୟକାର୍ଯ୍ୟ କର, ତାହାହେଲେ ତୁମେମାନେ ନିଜ ଜୀବନର ଲକ୍ଷ୍ୟକୁ ପ୍ରାପ୍ତ କରିପାରିବ ।"ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଆପଣ ସ.ଅ ଯେଉଁ ଉଦାହରଣ ସ୍ଥାପନ କରି ଯାଇଛନ୍ତି ତନ୍ମଧ୍ୟରୁ ମୁଁ ଏପରି ଅନେକ ଉଦାହରଣ ଉପସ୍ଥାପିତ କରି ସାରିଛି ଏବଂ ଆହୁରି ଅନେକ ଉଦାହରଣ ରହିଛି ଯାହାକୁ ମୁଁ ଏଠାରେ ଉପସ୍ଥାପିତ କରିଦେଉଛି । ଆପଣ ସ.ଅ ଈଶ୍ୱର ଉପାସନାର କୌଣସି ସୁଯୋଗକୁ ହାତ ଛଡ଼ା କରୁ ନଥିଲେ ବରଂ ଶୋଇବା ସମୟରେ ମଧ୍ୟ ଆପଣ ସ.ଅ ଈଶ୍ୱରଙ୍କ ଉପାସନା କରୁଥିଲେ। ଯେପରିକି ଆପଣ ସ.ଅ ସ୍ୱୟଂ କହିଛନ୍ତି ଯେ: ହେ ସାହାବାମାନେ ! ମୋର ଚକ୍ଷୁ (ଆଖି) ତ' ଶୋଇଥାଏ । କିନ୍ତୁ ମୋର ହୃଦୟ ଅଲ୍ଲାଃତାଲାଙ୍କ ନାମ, ତାହାଙ୍କ ଚର୍ଚ୍ଚା ଓ ଉପାସନାରୁ ଅବଚେତନ ହୋଇ ନଥାଏ । **(ସହି ବୁଖାରୀ କିତାବୁଲ୍ ମନାକିବି, ବାବ୍-କାନନ୍ ନବୀୟୁ ସ.ଅ ତନାମୁ ଐନୁହୁ ୱଲା ୟନାମୁ କଲବୁହୁ, ହଦିସ୍ ନଂ-3569)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ ନିଜର ଆଜ୍ଞାକାରୀମାନଙ୍କୁ ମଧ୍ୟ ଏଥି ନିମନ୍ତେ ଅନୁପ୍ରାଣିତ କରିଛନ୍ତି ଯେ, ତୁମମାନଙ୍କର ସ୍ତର ଏପରି ହେବା ଉଚିତ୍ ଯେ, ଅଲ୍ଲାଃତାଲା ତୁମମାନଙ୍କୁ ସର୍ବଦା ମନେ ଥାଆନ୍ତୁ ଓ ଅଲ୍ଲାଃତାଲା ସର୍ବଦା ତୁମମାନଙ୍କ ଦୃଷ୍ଟି ସମ୍ମୁଖରେ ଥାଆନ୍ତୁ । ଆଁହଜରତ୍ ସ.ଅ ନିଜର ଉପାସନା ପ୍ରସଙ୍ଗରେ କିପରି ସୂକ୍ଷ୍ମତାର ସହିତ ନିଜର ଆତ୍ମ ସମୀକ୍ଷା କରୁଥିଲେ । ତେଣୁ ଏଥି ସଂକ୍ରାନ୍ତରେ ଏକ ବର୍ଣ୍ଣନା ରହିଛି ଯେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏପରି ଏକ ଉତ୍ତରୀୟ (ଚଦର)ରେ ନମାଜ୍ ପାଠ କଲେ, ଯେଉଁ ଚଦରରେ ଚିତ୍ର ଅଙ୍କିତ ହୋଇଥିଲା । ଆପଣ ସ.ଅ ସେହି ଉତ୍ତରୀୟରେ ଅଙ୍କିତ ହୋଇଥିବା ଚିତ୍ର ଉପରେ ଏକ ଦୃଷ୍ଟିପାତ କଲେ । ଯେତେବେଳେ ଆପଣ ସ.ଅ ଦେଖି ସାରିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ସାହାହାବାମାନେ ! ମୋର ଏହି ଉତ୍ତରୀୟକୁ ତୁମେମାନେ ଅବୁ ଜହମ୍ ନିକଟକୁ ନେଇଯାଅ ଏବଂ ଅବୁ ଜହମ୍‌ର ଅମ୍ବିଜାନୀ ଲୁଇ ଅର୍ଥାତ୍ ଚିତ୍ର ଅଙ୍କିତ ହୋଇ ନଥିବା ସାଧା ଉତ୍ତରୀୟ ନେଇ ଆସ । କାରଣ ଏହି ଉତ୍ତରୀୟ ମୋତେ ବର୍ତ୍ତମାନ ମୋ ନମାଜରୁ ଧ୍ୟାନ ହଟାଇ ଦେଇଛି । ଅର୍ଥାତ୍ ଉତ୍ତରୀୟ ଉପରେ ଯେତେବେଳେ ସୂକ୍ଷ୍ମ ଦୃଷ୍ଟି ବି ପଡ଼ିଲା ସେତେବେଳେ ମଧ୍ୟ ଆପଣ ସ.ଅ ଏହା ବର୍ଦ୍ଦାସ୍ତ (ସହ୍ୟ) କଲେ ନାହିଁ ଯେ, ସେହି ଉତ୍ତରୀୟ ଆଡ଼କୁ ଆପଣ ସ.ଅ ଦେଖିବେ ଓ ଆପଣ ସ.ଅଙ୍କ ଦୃଷ୍ଟି (ଅର୍ଥାତ୍ ଧ୍ୟାନ) ଅଲ୍ଲାଃତାଲାଙ୍କ ଠାରୁ ଅନ୍ୟତ୍ର ହୋଇଯିବ । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, "ମୁଁ ସେହି ଅଙ୍କିତ ହୋଇଥିବା ଉତ୍ତରୀୟକୁ ଦେଖିଲି ଏବଂ ମୁଁ ନମାଜ୍‌ରେ ଥିଲି । ମୁଁ ଭୟଭୀତ ହେଲି ଯେ, ସେହି ଚିତ୍ରାଙ୍କିତ ଉତ୍ତରୀୟ ମୋତେ କୌଣସି ପରୀକ୍ଷାରେ (ସମସ୍ୟାର) ପକାଇ ନଦେଉ ।" **(ସହିହୁଲ୍ ବୁଖାରୀ, କିତାବୁସ୍ ସଲାତ୍, ବାବ୍- ଇଜା ସଲ୍ଲା ଫି ସୌବି ଲହୁ ଆଲାମା ୱ ନଜ୍‌ରି ଇଲା ଇଲମୁହା, ବର୍ଣ୍ଣନା ସଂଖ୍ୟା-373)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉପରୋକ୍ତ ହଦିସ୍‌ର ବ୍ୟାଖ୍ୟା କରି ସୈୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ଉକ୍ତ ଅଧ୍ୟାୟନ ଏହି ବିଷୟବସ୍ତୁ ରହିଛି ଯେ, ବସ୍ତ୍ର ସରଳ ହେବା ଉଚିତ୍, ତହିଁରୁ ଔଜ୍ଜ୍ୱଲ୍ୟତା ଗୁଣ ପ୍ରକଟିତ ନହେବା ଉଚିତ୍ ଯାହା ନାଜ ପାଠକାରୀର ଧ୍ୟାନକୁ ଅନ୍ୟତ୍ର କରିଦେବ (ଧ୍ୟାନ ଭଙ୍ଗ କରିଦେବ) । ମସ୍ତିଷ୍କ ଜନିତ ଉନ୍ନତି ବା ବିକାଶର ସହିତ ମନୁଷ୍ୟ ସ୍ୱଭାବତଃ ସରଳତା ଆଡ଼କୁ ହିଁ ଆକୃଷ୍ଟ ହୋଇଥାଏ । ଆଜିକାଲି ଏହା ଦେଖିବାରେ ମିଳିଛି ଯେ,

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ସତସ୍ପୃହା ତଥା ସତରୁଚି ରଖୁଥିବା ଲୋକମାନେ (ଆଗ୍ରହୀ ଲୋକମାନେ) ବସ୍ତ୍ର ଚୟନ କରିବାରେ ମଧ୍ୟ ସରଳ ରଙ୍ଗର ପୋଷାକକୁ ପ୍ରାଧାନ୍ୟ ଦେଇଥାଆନ୍ତି । କିନ୍ତୁ ଆଜିକାଲି ଏପରି କେତେକ ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ନିଜର ବସ୍ତ୍ର ଆଡ଼କୁ ଦେଖିଥାଆନ୍ତି ଏବଂ ବସ୍ତ୍ରରେ ଇସ୍ତ୍ରୀ (ଆଇରନ୍) ମାରିବା ଆଡ଼କୁ ସେମାନଙ୍କର ଧ୍ୟାନ ହୋଇଥାଏ । ଅତଏବ୍ ନମାଜରେ ସଂପୂର୍ଣ୍ଣ ଧ୍ୟାନ ରହିବା ଉଚିତ୍ । ବସ୍ତ୍ର ଉପରେ ଧ୍ୟାନ ଦେବା ଉଚିତ୍ ନୁହେଁ । ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ନମାଜ୍‌ରେ ସଂପୂର୍ଣ୍ଣ ନିମଗ୍ନତାର ଆବଶ୍ୟକତା ରହିଛି । ଯେତେବେଳେ ମନୁଷ୍ୟ ନମାଜ୍‌ରେ ସଂପୂର୍ଣ୍ଣ ରୂପେ ନିମଗ୍ନ ଓ ନିମଜ୍ଜିତ ହୋଇ ନମାଜ ପାଠ କରିଥାଏ ସେତେବେଳେ ନମାଜ୍ ପ୍ରକୃତ ନମାଜ ହୋଇପାରିବ । ତେଣୁ ଇସ୍‌ଲାମ୍ ଧର୍ମ ନମାଜ ପାଠକାରୀର ପରିବେଶରେ ପ୍ରତ୍ୟେକ ବସ୍ତୁର ଅସ୍ତିତ୍ୱକୁ ଅପ୍ରିୟ ବୋଲି ମନେକରିଛି ଯାହା (ଯେଉଁ ବସ୍ତୁ) ମନୁଷ୍ୟର ଧ୍ୟାନକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଆଁହଜରତ୍ ସ.ଅ କିପରି ପୂର୍ଣ୍ଣ ଧ୍ୟାନ ମଗ୍ନର ସହିତ ଅଲ୍ଲାଃତାଲାଙ୍କ ଉପାସନା କରିବାକୁ ଚାହୁଁଥିଲେ ଯେ, ସାମାନ୍ୟ ବସ୍ତୁ ମଧ୍ୟ ଆପଣ ସ.ଅଙ୍କ ଦୃଷ୍ଟି ସମ୍ମୁଖକୁ ନଆସୁ ଯାହା ଆପଣ ସ.ଅଙ୍କ ଧ୍ୟାନକୁ ଅଲ୍ଲାଃତାଲାଙ୍କ ଠାରୁ ହଟାଇଦେବ । ଏଥି ସଂକ୍ରାନ୍ତରେ ନାନା ହଦିସ୍‌ରେ ଚର୍ଚ୍ଚା ହୋଇଛି ଯେ, ନମାଜ ପାଠ ସମୟରେ ସାମ୍ନାରେ ଛବି ରହିବା ଉଚିତ୍ ନୁହଁ, ସମ୍ମୁଖରେ ଚିତ୍ର ଥିବା ବସ୍ତ୍ର ପରିଧାନ କରିବା ଉଚିତ୍ ନୁହଁ ଓ ସେହିପରି ଏପରି ପରଦା ମଧ୍ୟ ରହିବା ଉଚିତ୍ ନୁହଁ ଯେଉଁ ପରଦା ଉପରେ ନାନା ପ୍ରକାରର ଚିତ୍ର ଅଙ୍କନ ହୋଇଥିବା। ଏହି ପରଦା ଏବଂ ଚିତ୍ର ଆଡ଼କୁ ମୁଁହ କରି ନମାଜ୍ ପାଠ କରିବା ଦ୍ୱାରା ଧ୍ୟାନ ଭଙ୍ଗ ହୋଇ ଯାଇଥାଏ । ତେଣୁ ଏପରି ବସ୍ତୁ କିବ୍‌ଲା ମୁହାଁ (ଆଡ଼କୁ) ହେବା ଉଚିତ୍ ନୁହଁ ।

**(ସହି ବୁଖାରୀ, ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-479, ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର ଅନୱର୍ ଅ.ବ କହିଲେ, ସେହିପରି ଆପଣ ସ.ଅଙ୍କ ସର୍ବୋଚ୍ଚ ସ୍ତରର ଅନ୍ୟ ଏକ ଉଦାହରଣର ଚର୍ଚ୍ଚା ମଧ୍ୟ ମିଳିଥାଏ । ହ. ଜାଫର୍ ବିନ୍ ମୁହମ୍ମଦ୍ ସ.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ, ଆଏଶା ର.ଅଙ୍କୁ ପଚରାଗଲା ଯେ, ହେ ଆଏଶା ! ଆପଣ ର.ଅଙ୍କ ଘରେ ଆଁହଜରତ୍ ସ.ଅଙ୍କ ଶେଯ କିପରିକା ହେଉଥିଲା? ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ କହିଲେ, ଆଁହଜରତ୍ ସ.ଅଙ୍କ ଶେଯ ଚମଡ଼ା ଦ୍ୱାରା ନିର୍ମିତ ହୋଇଥିଲା । ସେହି ଶେଯରେ ଖଜୁରୀର ତନ୍ତୁ ଭର୍ତ୍ତି ହୋଇ ରହୁଥିଲା । ହ. ହଫ୍‌ସା ର.ଅଙ୍କୁ ଯେତେବେଳେ ପଚରାଗଲା କି ହେ ହଫସା ! ଆପଣ ର.ଅଙ୍କ ଘରେ ଆଁହଜରତ୍ ସ.ଅଙ୍କ ଶେଯ କିପରିକା ହେଉଥିଲା ? ହ. ହଫ୍‌ସା ର.ଅ ଉତ୍ତର ଦେଲେ ଯେ, ଆଁହଜରତ୍ ସ.ଅଙ୍କ ଶେଯ ପଶମର ହେଉଥିଲା । ଅର୍ଥାତ୍ ଜୀବର ଯେଉଁ ଲୋମ ରହିଥିଲା ତାହା ଅତ୍ୟନ୍ତ କୋମଳ ହେଉଥିଲା । ସେହି କୋମଳ ଲୋମ ଅର୍ଥାତ ପଶମରୁ ଆପଣ ସ.ଅଙ୍କ ଶେଯ ପ୍ରସ୍ତୁତ ହେଉଥିଲା । ମୁଁ ସେହି ଶେଯକୁ ଦୁଇ ପରସ୍ତ କରି ଦେଉଥିଲି, ଫଳତଃ ତାହା ଟିକେ କୋମଳ (ନରମ) ହୋଇ ଯାଉଥିଲା ଏବଂ ହୁଜୁର ସ.ଅ ସେହି ଶେଯ ଉପରେ ଶୋଉଥିଲେ । ଏକଦା ରାତ୍ର ସମୟରେ ମୁଁ ଚିନ୍ତା କଲି ଯେ, ମୁଁ ଆପଣ ସ.ଅଙ୍କ ଶେଯକୁ ଚାରି ପରସ୍ତ କରିଦେବି, ତାହା ଅତ୍ୟଧିକ କୋମଳ ହୋଇଯିବ ଏବଂ ଆରାମଦାୟକ ହୋଇଯିବ ଓ ଆପଣ ସ.ଅଙ୍କ ନିମନ୍ତେ ଅଧିକ ଆଶ୍ୱସ୍ତିର କାରଣ ହେବ । ସୁତରାଂ ମୁଁ ଚଦରକୁ ଚାରି ପରସ୍ତ କରିଦେଲି । ଯେତେବେଳେ ସକାଳ ହେଲା ସେତେବେଳେ ଆପଣ ସ.ଅ କହିଲେ, ହେ ହଫ୍‌ସା ! ତୁମେ ରାତ୍ରରେ ମୋ ପାଇଁ ଶେଯରେ କ'ଣ ବିଛାଇଥିଲ ? ହ. ହଫ୍‌ସା ର.ଅ କୁହନ୍ତି ଯେ, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାହା ଆପଣ ସ.ଅଙ୍କର ହିଁ ଶେଯ ଥିଲା। ମୁଁ କେବଳ ଶେଯକୁ ଚାରି ପରସ୍ତ କରି ଦେଇଥିଲି । କାରଣ ତାହା ଆପଣ ସ.ଅଙ୍କ ନିମନ୍ତେ ଅଧିକ ଆରାମଦାୟକ ହୋଇଯାଉ । ଆପଣ ସ.ଅ କହିଲେ, ହେ ହଫ୍‌ସା ! ମୋ ଶେଯକୁ ପୂର୍ବ ପରି କରିଦିଅ । କାରଣ ଶେଯ ଯଦି ଅଧିକ କୋମଳ ହୋଇଯାଏ ତେବେ ତାହା ମୋର ନମାଜରେ ବାଧା ସୃଷ୍ଟି କରିବ । **(ଶମାଇଲୁନ୍ ନବୀ ସ.ଅ, ପୃ-134, ବାବ୍-ମା ଯାଆ ଫି ଫିରାଶି ରସୁଲୁଲ୍ଲାଃହିଁ ସ.ଅ, ବର୍ଣ୍ଣନା ସଂଖ୍ୟା-314, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯଦିଓ ଶେଯର କୋମଳତା ଆପଣ ସ.ଅଙ୍କ ଉପାସନାରେ ପ୍ରତିବନ୍ଧକ ସାଜି ପାରି ନଥାଆନ୍ତା । କିନ୍ତୁ ତଥାପି ଆପଣ ସ.ଅ ଏହା ଉଚିତ୍ ବୋଲି ମନେକଲେ ନାହିଁ ଯେ, ଆପଣ ସ.ଅଙ୍କ ଶେଯ କୋମଳ ହେଉ ଓ ଆପଣ ସ.ଅ ସେଥିରେ ଟିକିଏ ଶୋଇ ଯାଆନ୍ତୁ ଓ ଅଲ୍ଲାଃତାଲାଙ୍କ ଉପାସନା ନିମନ୍ତେ ନ ଉଠନ୍ତୁ । ନା, ଆପଣ ସ.ଅ ଏପରି କଦାପି ଚାହୁଁ ନଥିଲେ । ଅତଏବ୍ ଏହା ଥିଲା ଆପଣ ସ.ଅଙ୍କ ସର୍ବୋଚ୍ଚ ସ୍ତର । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ଉପାସନାର ଅବସ୍ଥାର ନକ୍ସା ଉମ୍ମୁଲ୍ ମୁମିନିନ୍ ହ. ସୌଦା ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଏକଦା ମୁଁ ଆଁହଜରତ୍ ସ.ଅଙ୍କ ପଛରେ ନମାଜ୍ ପାଠ କଲି ଏବଂ ଆପଣ ସ.ଅ ରୁକୁ କଲେ । ଏପର୍ଯ୍ୟନ୍ତକି ମୁଁ ନିଜର ନାକ ଧରି ପକାଇଲି । ଅର୍ଥାତ୍ ଏତେ ଦୀର୍ଘ ରୁକୁ ଥିଲା ଯେ, ମୋ ମନରେ ଭୟ ଜାତ ହେଲା ଯେ, ମୋ ନାକରୁ ରକ୍ତ ନବାହାରିଯାଉ । **(ଅଲ୍ ଇସାବତା ଫି ତମିଜିସ୍ ସାହାବତା, କିତାବୁନ୍ ନିସା, ହର୍ଫୁସ୍ ସିନି, ସୌଦା ବିନ୍‌ତ୍ ଜମ୍‌ଆହ୍, ଗ୍ରନ୍ଥଖଣ୍ଡ-8, ପୃ-196-197, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-1995 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ଅବସ୍ଥା ସେତେବେଳେ ସମ୍ଭବପର ଯେତେବେଳେ ଏପରି ପ୍ରେମ ଥିବ । ଅର୍ଥାତ୍ ମନୁଷ୍ୟର (ବ୍ୟକ୍ତିର) ନିଜ ପ୍ରିୟତମଙ୍କ ଦ୍ୱାରା ଛାଡ଼ିବାକୁ ଇଚ୍ଛା ହୋଇ ନଥାଏ । ଯେଉଁ ପୋଷ୍ଚର୍ (Posture) (ଅଙ୍ଗଭଙ୍ଗୀ)କୁ ମଧ୍ୟ ଯାଏ, ଯେଉଁ ଅବସ୍ଥାରେ ବି ଯାଏ ସେହି ଅବସ୍ଥାରେ ହିଁ ନିମଗ୍ନ ହୋଇଯାଉ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଉପାସନାର ସ୍ତର ସଂକ୍ରାନ୍ତରେ ଆଉ ଏକ ବର୍ଣ୍ଣନା ମୁତର୍ରିଫ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ୍ ସ.ଅଙ୍କୁ ଏପରି ଅବସ୍ଥାରେ ନମାଜ ପାଠ କରୁଥିବାର ଦେଖିଲି ଯେ, ରୋଦନ ଯୋଗୁଁ ଆପଣ ସ.ଅଙ୍କ ହୃଦୟରେ ଚକ୍କି ଘୂରିବାର ଶବ୍ଦ ଆସୁଥିଲା । ଅର୍ଥାତ୍ ଯେପରି ଚକ୍କି ଘୂରେ, ଯେପରି ଗ୍ରାଇଣ୍ଡର ଚାଲେ ଠିକ୍ ସେହିପରି ଶବ୍ଦ ଆସୁଥିଲା । **(ସୁନନ୍ ଅବି ଦାଉଦ୍, କିତାବୁସ୍ ସଲାତ୍, ବାବୁଲ୍ ବକା ଫିସ୍ ସଲାତି, ହଦିସ୍ ନଂ-904)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ସ୍ଥାନରେ ହାଣ୍ଡି ସ୍ଫୁଟିତ (ଗଡ଼ ଗଡ଼ ହୋଇ ଫୁଟିବା) ହେବାର ଉଦାହରଣ ମଧ୍ୟ ଦିଆଯାଇଛି । **(ସୁନନୁନ୍ ନିସାଇସ କିତାବୁସ୍ ସହୱି, ବାବ୍- ଅଲ୍ ବୁକାଆ ଫିସ୍ ସଲାତି, ହଦିସ୍ ନଂ-124)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ବର୍ଣ୍ଣିତ ହୋଇଛି ଯେ, ହ. ମୁଆଜ୍ ବିନ୍ ଜବଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ବାହାନ ଉପରେ ଆଁହଜରତ୍ ସ.ଅଙ୍କ ସହିତ ପଛରେ ବସିଥିଲି । ମୋ ମଧ୍ୟରେ ଏବଂ ଆପଣ ସ.ଅଙ୍କ ମଧ୍ୟରେ ପଲାଣର ପଛ ଭାଗ ଥିଲା । ଆପଣ ସ.ଅ କହିଲେ, ହେ ମୁଆଜ୍ ବିନ୍ ଜବଲ୍ ! ମୁଁ କହିଲି, ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି ଏବଂ ଏହା ମୋର ସୌଭାଗ୍ୟ ଅଟେ । ପୁନଶ୍ଚ ଆପଣ ସ.ଅ କିଛି ସମୟ ଚାଲିଲେ ଏବଂ କହିଲେ, ହେ ମୁଆଜ୍ ବିନ୍ ଜବଲ୍ ! ମୁଁ ପୁନଶ୍ଚ କହିଲି, ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି ଏବଂ ଏହା ମୋର ସୌଭାଗ୍ୟ ଅଟେ । ମୁଁ କହିଲି, ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ଉପସ୍ଥିତ ଅଛି ଏବଂ ଏହା ମୋର ସୌଭାଗ୍ୟ ଅଟେ । ଆପଣ ସ.ଅ କହିଲେ, ହେ ମୁଆଜ୍ ! କ'ଣ ତୁମେ ଏକଥା ଜାଣ ଯେ, ଅଲ୍ଲାଃତାଲାଙ୍କର ଭକ୍ତମାନଙ୍କ ଉପରେ କେଉଁ ଅଧିକାର ରହିଛି ? ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏକଥା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଭଲ ଭାବରେ ଜାଣନ୍ତି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଅଲ୍ଲାଃତାଲାଙ୍କର ଭକ୍ତମାନଙ୍କ ଉପରେ ଏହି ଅଧିକାର ରିହଛି ଯେ, ସେମାନେ ଅର୍ଥାତ୍ ଭକ୍ତମାନେ ଅଲ୍ଲାଃତାଲାଙ୍କର ଉପାସନା ବା ଆରାଧନା କରନ୍ତୁ ଓ ତାହାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରନ୍ତୁ ନାହିଁ । ପୁନଶ୍ଚ ଆପଣ ସ.ଅ କିଛି ସମୟ ଚାଲିଲେ ଓ କହିଲେ, ହେ ମୁଆଜ୍ ! ମୁଁ ପୁନଶ୍ଚ କହିଲି, ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି ଏବଂ ଏହା ମୋର ସୌଭାଗ୍ୟ ଅଟେ । ଆପଣ ସ.ଅ କହିଲେ, ହେ ମୁଆଜ୍ ! କ'ଣ ତୁମେ ଏକଥା ଜାଣ ଯେ, ଭକ୍ତମାନଙ୍କର ଅଲ୍ଲାଃତାଲାଙ୍କ ଉପରେ କେଉଁ ଅଧିକାର ରହିଛି ? ବର୍ତ୍ତମାନ ଭକ୍ତମାନଙ୍କର କ'ଣ ଅଧିକାର ରହିଛି ଯେ, ସେମାନେ ଯେତେବେଳେ ଏପରି କରନ୍ତି ଅର୍ଥାତ୍ ସେମାନେ (ଭକ୍ତମାନେ) ଉପାସନାକାରୀ ଭକ୍ତ ହେବା ଉଚିତ୍ । ମୁଁ (ହ. ମୁଆଜ୍ ବିନ୍ ଜବଲ୍ ର.ଅ) କହିଲି, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଏକଥା ଭଲ ଭାବରେ ଜାଣନ୍ତି । ତେବେ ଆପଣ ସ.ଅ କହିଲେ, ଯଦି ଭକ୍ତମାନେ ଅଲ୍ଲାଃତାଲାଙ୍କ ଉପାସନା କରନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଶାସ୍ତି କେବେ ଦେବେ ନାହିଁ । **(ସହି ମୁସ୍‌ଲିମ୍, କିତାବୁଲ୍ ଇମାନ୍, ବାବ୍-ଅଦ୍ଦଲିଲୁ ଅଲା ଇନ୍ ମନ୍ ମାତା ଅଲତ୍ ତୌହିଦି ଦଖଲଲ୍ ଜନ୍ନତା କତ୍‌ଅନ୍, ହଦିସ୍ ନଂ-35)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅ କେବଳ ନିଜେ କୌଣସି ସ୍ତର ସ୍ଥାପନ କରି ନାହାନ୍ତି ବରଂ ସେହି ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ମଧ୍ୟ ଉପଦେଶ ଦେଇଛନ୍ତି ଅର୍ଥାତ୍ ଆପଣ ସ.ଅ ମୁସଲମାନମାନଙ୍କୁ କହିଲେ, ହେ ମୁସଲମାନମାନେ! ତୁମେମାନ ବି ଯଦି ଏପରି କରିବ ତେବେ ଅଲ୍ଲାଃତାଲାଙ୍କ ପ୍ରେମକୁ ତୁମେମାନେ ପ୍ରାପ୍ତ କରି ପାରିବ ଓ ତାହାଙ୍କ ଶାସ୍ତି ଠାରୁ ବର୍ତ୍ତି ପାରିବ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆଁହଜରତ୍ ସ.ଅଙ୍କ ପ୍ରଶଂସାରେ ଏକ ସ୍ଥାନରେ କୁହନ୍ତି:"ଯେପରି ଆଁହଜରତ୍ ସ.ଅ ପବିତ୍ର କୁରଆନ୍ କରୀମ୍‌ର ପ୍ରଚାର ପ୍ରସାର ନିମନ୍ତେ ନିଯୁକ୍ତ ହୋଇଥିଲେ ଠିକ୍ ସେହିପରି ଆପଣ ସ.ଅ ପ୍ରଥାକୁ ସ୍ଥାପିତ କରିବା

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ନିମନ୍ତେ ମଧ୍ୟ ନିଯୁକ୍ତ ଥିଲେ । ଅତଏବ୍ ଯେପରି ପବିତ୍ର କୁରଆନ୍ କରୀମ୍ ସତ୍ୟ ଅଟେ । ଠିକ୍ ସେହିପରି ଆଁହଜରତ୍ ସ.ଅଙ୍କ ନିରନ୍ତର ତଥା ବ୍ୟବହାରିକ ପ୍ରଥା ଓ ପରମ୍ପରା ମଧ୍ୟ ନିଃସନ୍ଦେହାତ୍ମକ ଓ ସତ୍ୟ ଅଟେ । ଅର୍ଥାତ୍ ଏପରି ପ୍ରଥା ଯାହାର ସଂପର୍କ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ, ଆପଣ ସ.ଅଙ୍କ କୃତ୍ୟ ଦ୍ୱାରା ସିଦ୍ଧ ହୋଇଥାଏ ଓ ବର୍ଣ୍ଣନାକାରୀମାନେ ଅହରହ ରୂପେ ସେହି କଥାକୁ ବର୍ଣ୍ଣନା କରି ଚାଲନ୍ତି । ବର୍ଣ୍ଣନାର ଏକ ଶୃଙ୍ଖଳ ହୋଇଥିବ । ଏହି ଦୁଇ ସେବା ଆଁହଜରତ୍ ସ.ଅ ନିଜ ହସ୍ତ ଦ୍ୱାରା ସମ୍ପାଦନ କରିଛନ୍ତି ଏବଂ ଦୁହିଁଙ୍କୁ ନିଜର ପରମ କର୍ତ୍ତବ୍ୟ ବୋଲି ମନେକରିଛନ୍ତି । ଯେତେବେଳେ ଆଁହଜରତ୍ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ପକ୍ଷରୁ ନମାଜ ପାଠ କରିବା ନିମନ୍ତେ ଆଦେଶ ମିଳିଲା ସେତେବେଳେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଏହି କଥନ ଅର୍ଥାତ୍ ଆଦେଶକୁ ନିଜର କୃତ୍ୟ ଦ୍ୱାରା ସିଦ୍ଧ କରି ନିୟମାନୁବର୍ତ୍ତୀ ହୋଇ ଏହି ପରମ୍ପରାକୁ ଅତ୍ୟନ୍ତ ଦୃଢ ରୂପେ କାର୍ଯ୍ୟକାରୀ କରିଥିଲେ । ଆପଣ ସ.ଅ ସ୍ୱୟଂ ସମ୍ପାଦନ କଲେ ଅର୍ଥାତ ନମାଜ୍ ପାଠ କଲେ ଓ ପୁନଶ୍ଚ ସାହାବାମାନଙ୍କୁ ମଧ୍ୟ ଏପରି ଅନୁକରଣ କରିବା ନିମନ୍ତେ କହିଲେ । ଅତଏବ୍ ବ୍ୟବହାରିକ ଉଦାହରଣ ଯାହା ଏପର୍ଯ୍ୟନ୍ତ ସଂପ୍ରଦାୟ ମଧ୍ୟରେ ଅନୁକରଣବଦ୍ଧ ରୂପେ ବିଖ୍ୟାତ ଅଟେ, ତାହାରି ନାଁ (ଅନ୍ୟ ଅର୍ଥରେ ତାହାକୁ ସୁନ୍ନତ୍ କୁହାଯାଏ) ସୁନ୍ନତ୍ (ପ୍ରଥା) ଅଟେ । ଆପଣ ଅ.ସ ଉଲ୍ଲେଖ କରନ୍ତି ଯେ, କିନ୍ତୁ ହଦିସ୍‌କୁ ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଉଲ୍ଲେଖ କରାଗଲା ନାହିଁ ଓ ତାହାକୁ ଏକତ୍ରିତ କରିବା ନିମନ୍ତେ କୌଣସି ବ୍ୟବସ୍ଥା ମଧ୍ୟ କରାଗଲା ନାହିଁ । ତେବେ ସେ ଯାହା ହେଉ ଆପଣ ସ.ଅ ସୁନ୍ନତ୍ ଓ ହଦିସ୍ (ଆଁହଜରତ୍ ସ.ଅଙ୍କ ମୁଖ ନିଃସୃତ ବାଣୀ) ମଧ୍ୟରେ ତୁଳନା କରୁଥିଲେ । ଆପଣ ଅ.ସ କହିଲେ, ସୁନ୍ନତର ମର୍ଯ୍ୟାଦା ପ୍ରଥମେ ରହିଛି ଓ ହଦିସ୍‌ର ମର୍ଯ୍ୟାଦା ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ଦ୍ୱାରା ସମ୍ପାଦିତ କୃତ୍ୟ, ପ୍ରଥା ଓ ପରମ୍ପରା) ପରେ ରହିଛି । ଅତଏବ୍ ଯେଉଁ ହଦିସ୍ ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ ବିରୁଦ୍ଧୀୟ ହୁଏ ନାହିଁ ତାହା ସଠିକ୍ ହଦିସ୍ ଅଟେ। ଓ ତାହା ଗ୍ରହଣୀୟ ଅଟେ।" **(ବଟାଲଭୀ ଏବଂ ଚକଡ଼ାଲଭୀ ସହିତ କରାଯାଇଥିବା ବିତର୍କ ରିଭ୍ୟୁ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-19, ପୃ-210-212)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅ ଯେଉଁଠି ଆଁହଜରତ୍ ସ.ଅଙ୍କ ପ୍ରଶଂସାରେ ଏହା କହୁଛନ୍ତି ଯେ, ଆପଣ ଅ.ସଙ୍କ ଉପାସନାର ସ୍ତର କ'ଣ ଥିଲା ? ସେଠାରେ ଆପଣ ଏହା ମଧ୍ୟ କହିଦେଲେ ଯେ, ଆପଣ ସ.ଅ ଏହି ସମସ୍ତ କୃତ୍ୟ ସମ୍ପାଦନ କରି ଦେଖାଇଦେଲେ ଓ ନିଜର ଅନୁଗାମୀମାନଙ୍କୁ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଉପଦେଶ ଦେଲେ ଓ ଏହାକୁ କାର୍ଯ୍ୟାକରୀ ମଧ୍ୟ କରାଇଲେ । ସୁତରାଂ ଏ ହେଉଛି ସେହି ସୁନ୍ନତ୍ (ପ୍ରଥା ଓ ପରମ୍ପରା) ଯାହା ଆଜି ପର୍ଯ୍ୟନ୍ତ ଆମ ପାଖରେ ପହଞ୍ଚି ଆସିଛି । ଆମ ପର୍ଯ୍ୟନ୍ତ ସାହାବାମାନଙ୍କର ଯେଉଁ ଉଦାହରଣ ପହଞ୍ଚିଛି ତାହା ଆଁହଜରତ୍ ସ.ଅଙ୍କ ସଂସ୍କାର ଯୋଗୁଁ ହିଁ ପହଞ୍ଚିଛି । ଆପଣ ସ.ଅ ସାହାବାମାନଙ୍କର ଏପରି ସଂସ୍କାର କଲେ ଯେ, ସେମାନଙ୍କର ଉପାସନାର ସ୍ତର ମଧ୍ୟ ଉଚ୍ଚରୁ ଅତି ଉଚ୍ଚତର ହୋଇଗଲା ଏବଂ ଅଲ୍ଲାଃତାଲାଙ୍କ ସହିତ ପ୍ରେମର ସ୍ତର ମଧ୍ୟ ଉଚ୍ଚ ହୋଇ ଚାଲିଲା । ଏହା ହିଁ ସେହି ଆଦର୍ଶ ଯାହା ଆପଣ ସ.ଅ ସ୍ଥାପନ କରିଥିଲେ। ଏହି ଆଦର୍ଶକୁ ଆପଣ ସ.ଅଙ୍କ ସାହାବାମାନେ ଆପଣାଇଲେ ଏବଂ ଆମମାନଙ୍କ ନିମନ୍ତେ ମଧ୍ୟ ଏହି ଆଦେଶ ରହିଛି । ଆପଣ ସ.ଅ ତହଜ୍ଜୁଦ୍ ନମାଜ ପାଠ କରିବା ସଂପର୍କରେ ସାହାବାମାନଙ୍କୁ ଏବଂ ଆମମାନଙ୍କୁ ଉତ୍ସାହିତ କରିଛନ୍ତି । ଅର୍ଥାତ୍ ତହଜ୍ଜୁଦ୍ ନମାଜ୍ ପାଠ କରିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ଉପରୋକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ବ୍ୟାଖ୍ୟା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, ରସୁଲ୍ କରୀମ୍ ସ.ଅ ନୱାଫିଲ୍ ପାଠ କରିବା ପ୍ରତି ଏତେ ଚିନ୍ତିତ ଥିଲେ ଯେ, ଆପଣ ସ.ଅ ନଫିଲ୍ ନମାଜ ପାଠ କରିବା ସତ୍ତ୍ୱେ ମଧ୍ୟ ରାତ୍ର ସମୟରେ ପଇଁତରା ମାରୁଥିଲେ ଯେ, ସାହାବାମାନଙ୍କ ମଧ୍ୟରୁ କିଏ ଏହି ନଫିଲ୍ ନମାଜ୍ ପାଠ କରୁଛି ଓ କିଏ ପାଠ କରୁ ନାହିଁ । ଅର୍ଥାତ୍ ଆପଣ ସ.ଅ ଗଳିରେ, ସଡ଼କରେ ରାତ୍ରରେ ବୁଲୁଥିଲେ ଏବଂ ଜାଣି ଯାଉଥିଲେ ଯେ, କେଉଁଠି ନମାଜ୍‌ର ସ୍ୱର ଶୁଭୁଛି ଓ କେଉଁଠି ଲୋକମାନେ ନମାଜ୍ ତହଜ୍ଜୁଦ୍ ପାଇଁ ଉଠୁଛନ୍ତି ଏବଂ କେଉଁମାନେ ଉଠୁ ନାହାନ୍ତି । ଅର୍ଥାତ୍ ଆପଣ ସ.ଅ ଏହି ସମୀକ୍ଷା କରୁଥିଲେ ଯେ, କିଏ ନମାଜ୍ ତହଜ୍ଜୁଦ୍ ପାଠ କରୁଛି ଓ କିଏ ପାଠ କରୁ ନାହିଁ । ଆଜିକାଲି ଯଦି କୌଣସି ବ୍ୟକ୍ତିକୁ ନମାଜ୍ ସଂକ୍ରାନ୍ତରେ ପଚରାଯାଏ କିମ୍ବା ଏହା କହି ଦିଆଯାଏ ଯେ, ମସ୍‌ଜିଦରେ ନମାଜ ପାଠ କରିବା ଉଚିତ୍ ତେବେ କେତେ ଜଣ ଲୋକ ଅଛନ୍ତି ଯେଉଁମାନେ ମସ୍‌ଜିଦ୍‌କୁ ନମାଜ ପାଠ କରିବା ନିମନ୍ତେ ଆସୁଛନ୍ତି ? ପ୍ରତ୍ୟୁତ୍ତରରେ ଲୋକମାନେ ଆପତ୍ତି କରିବା ଆରମ୍ଭ କରି ଦିଅନ୍ତି ଯେ, ଏହା ଆମମାନଙ୍କର ବ୍ୟକ୍ତିଗତ ପ୍ରସଙ୍ଗ ଅଟେ । ଆମକୁ ପଚାରିଲାବାଲା ତୁମେ କିଏ ବା ? ଜମାଅତ୍‌କୁ ସେହି ବ୍ୟକ୍ତିକୁ ପାରିବାର କ'ଣ ବା ଆବଶ୍ୟକତା ରହିଛି ? ଏହା ଆମର ଏବଂ ଅଲ୍ଲାଃତାଲାଙ୍କ ପ୍ରସଙ୍ଗ ଅଟେ । କିନ୍ତୁ ଆଁହଜରତ୍ ସ.ଅ ତ' ସ୍ୱୟଂ ତହଜ୍ଜୁଦ୍ ନମାଜ୍‌ର ମଧ୍ୟ ସମୀକ୍ଷା କରୁଥିଲେ । ଏକଦା ଆପଣ ସ.ଅଙ୍କ ଏକ ସଭାରେ ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅଙ୍କ ଚର୍ଚ୍ଚା ହେଲା ଏବଂ ଲୋକମାନେ କହିଲେ, ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ବହୁତ ଭଲ ଲୋକ ଅଟନ୍ତି ଏବଂ ତାଙ୍କ ମଧ୍ୟରେ ଅମକ ଅମକ ଗୁଣାବଳୀ ରହିଛି। ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହଁ ! ଲୋକ ତ' ବହୁତ ଭଲ, କିନ୍ତୁ ନମାଜ୍ ତହଜ୍ଜୁଦ୍ ପାଠ କଲେ ସିନା ଭଲ ଲୋକ ହେବ । ଯେହେତୁ ସେ ଅର୍ଥାତ୍ ହ. ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ଯୁବକ ଥିଲେ ଏବଂ ନମାଜ୍ ତହଜ୍ଜୁଦ୍ ପାଠ କରିବାରେ ଆଳସ୍ୟତା ପ୍ରଦର୍ଶନ କରୁଥିଲେ । ତେଣୁ ଆପଣ ସ.ଅ ସେମାନଙ୍କୁ ଏହି ଆଡ଼କୁ ଧ୍ୟାନ ଆକର୍ଷଣ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ରସୁଲ୍ କରୀମ୍ ସ.ଅ କହିଲେ, ଅଲ୍ଲାଃତାଲା ସ୍ୱାମୀ ଏବଂ ସ୍ତ୍ରୀଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । କାରଣ ସ୍ୱାମୀର ଯଦି ରାତ୍ର ସମୟରେ ଆଖି ଫିଟେ ତେବେ ସେ ନିଜେ ନମାଜ୍ ତହଜ୍ଜୁଦ୍ ପାଠ କରୁ ଓ ନିଜର ପତ୍ନିକୁ ମଧ୍ୟ ନିଦରୁ ଉଠାଉ । ଯଦି ପତ୍ନି ନିଦରୁ ଉଠିବାକୁ କୁଣ୍ଠାବୋଧ ମନେକରେ ତେବେ ପତ୍ନି ମୁହଁ ଉପରେ ପାଣି ଛିଞ୍ଚି ଦେଉ ଓ ତାକୁ ନିଦରୁ ଉଠାଉ । ସେହିପରି ପତ୍ନିର ଯଦି ଆଖି ଫିଟେ ଅର୍ଥାତ୍ ନିଦରୁ ଯେତେବେଳେ ଉଠେ ସେତେବେଳେ ସେ ନିଜେ ନମାଜ୍ ପାଠ କରୁ ଓ ନିଜର ସ୍ୱାମୀକୁ ମଧ୍ୟ ନିଦରୁ ଉଠାଉ (ଜାଗ୍ରତ କରୁ) । ଯଦି ସ୍ୱାମୀ ନିଦରୁ ନଉଠେ ତେବେ ସେ ପରିପ୍ରେକ୍ଷୀରେ ସ୍ୱାମୀ ମୁହଁ ଉପରେ ଜଳ ବୁନ୍ଦା ଛିଞ୍ଚି ଦେଉ । ଦେଖନ୍ତୁ ! ଏକ ପକ୍ଷରେ ତ' ରସୁଲ୍ କରୀମ୍ ସ.ଅ ପତ୍ନି ପକ୍ଷେ ସ୍ୱାମୀର ସମ୍ମାନ ପ୍ରଦର୍ଶନ କରିବା ଅତ୍ୟନ୍ତ ଜରୁରୀ ବୋଲି ବିବେଚିତ କରିଛି । ଅନ୍ୟ ପଟରେ ନମାଜ୍ ତହଜ୍ଜୁଦ୍ ନିମନ୍ତେ ନିଦରୁ ଉଠାଇବା ସକାଶେ ଜଳ ଛିଞ୍ଚନ କରିବାକୁ ମଧ୍ୟ ଉଚିତ୍ ବୋଲି ବିବେଚିତ କରିଛି । ଅର୍ଥାତ୍ ରସୁଲ୍ କରୀମ୍ ସ.ଅ ତହଜ୍ଜୁଦ୍ ନମାଜକୁ ଅତ୍ୟନ୍ତ ଜରୁରୀ ବୋଲି ମନେ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ରାତ୍ର ସମୟରେ ନିଦରୁ ଉଠିବା ଆତ୍ମାକୁ ଶୃଙ୍ଖଳିତ ଓ ସଳଖ କରି ଦେଇଥାଏ । ଏହା ହିଁ ସେହି କାରଣ ରହିଛି ଯେ, ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ କୁହନ୍ତି ଯେ, ହେ ସାହାବାମାନେ ! ତୁମେମାନେ ଦୁଇ ରକାତ୍ ନମାଜ୍ ତହଜ୍ଜୁଦ୍ ପାଠ କର ପଛେ କିନ୍ତୁ ଅବଶ୍ୟ ପାଠ କର । ପୁନଶ୍ଚ ହଦିସ୍‌ରୁ ମଧ୍ୟ ଏହା ପ୍ରମାଣିତ ଯେ, ରାତ୍ରର ଶେଷ ପ୍ରହରରେ ଅଲ୍ଲାଃତାଲା ନକଟବର୍ତ୍ତୀ ହୁଅନ୍ତି ଏବଂ ଦୁଆକୁ ସ୍ୱୀକାର କରିଥାଆନ୍ତି । ତେଣୁ ନମାଜ୍ ତହଜ୍ଜୁଦ୍ ପାଠ କରିବା ଅତ୍ୟନ୍ତ ଜରୁରୀ ଅଟେ ଓ ଲାଭଦାୟକ ଅଟେ । **(ସିରତୁନ୍ ନବୀ ସ.ଅ, ଲେଖକ- ହ. ମୁସ୍‌ଲେହ୍ ମଉଦ୍ ର.ଅ, ଗ୍ରନ୍ଥଖଣ୍ଡ-1, ପୃ-416-417ରୁ ଉଦ୍ଧୃତ)**

ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଈଶ୍ୱରଙ୍କ କୃପା ହୁଏ ନାହିଁ । ନା ବରଂ ଈଶ୍ୱରଙ୍କ କୃପା ଅବଶ୍ୟ ହୋଇଥାଏ । ଈଶ୍ୱର କୃପା ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ । କୌଣସି ବ୍ୟକ୍ତି ନିଜର କର୍ମ ଯୋଗୁଁ ଏହି ଦାବି କରିପାରିବ ନାହିଁ ଯେ, ସେ ମୋକ୍ଷ ପ୍ରାପ୍ତି କରିନେବ । ନା । କଦାପି ନୁହଁ । କାରଣ ଆଁହଜରତ୍ ସ.ଅ ହେଉଛନ୍ତି ସବୁଠୁ ବଡ଼ କର୍ମକର୍ତ୍ତା ଏବଂ କର୍ମ ସମ୍ପାଦନକାରୀ ଓ ଆପଣ ସ.ଅ ହେଉଛନ୍ତି ଈଶ୍ୱରଙ୍କ ଆଜ୍ଞାବହତ୍ୱ ପ୍ରଦର୍ଶନକାରୀ ମହାବତାର । ଆପଣ ସ.ଅ ମଧ୍ୟ ନିଜର କର୍ମ ଉପରେ ବିଶ୍ୱାସ କରୁ ନଥିଲେ । ଯେପରିକି ହଦିସ୍‌ରେ ବର୍ଣ୍ଣିତ ହୋଇଛି ଏବଂ ମୁଁ ଗତ ଖୁତ୍‌ବାରେ ମଧ୍ୟ ଏ ପ୍ରସଙ୍ଗରେ ବର୍ଣ୍ଣନା କରି ସାରିଛି ଯେ, ରସୁଲ୍ କରୀମ୍ ସ.ଅ ହ. ଆଏଶା ର.ଅଙ୍କୁ ଏବଂ ଅନ୍ୟ ସାହାବାମାନଙ୍କୁ ମଧ୍ୟ ଏହା ହିଁ କହିଲେ ଯେତେବେଳେ ସେମାନେ (ସାହାବାମାନେ) ଆଁହଜରତ୍ ସ.ଅଙ୍କୁ ପଚାରିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ମଧ୍ୟ ନିଜର କର୍ମ ଦ୍ୱାରା ବୈକୁଣ୍ଠଗାମୀ ହେବେ ନାହିଁ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲ ନା, ହେ ଆଏଶା ମୁ ମଧ୍ୟ ନିଜ କର୍ମ ଦ୍ୱାରା ବୈକୁଣ୍ଠରେ ପ୍ରବିଷ୍ଟ ହୋଇ ପାରିବି ନାହିଁ । ମୁଁ କେବଳ ଈଶ୍ୱରଙ୍କ କୃପା ଦ୍ୱାରା ହିଁ ବୈକୁଣ୍ଠ (ସ୍ୱର୍ଗ)ରେ ପ୍ରବିଷ୍ଟ ହୋଇପାରିବି । ଅତଏବ୍ ଆଁହଜରତ୍ ସ.ଅଙ୍କ ଭଳି ଜଣେ ମହାବତାର ଯାହାଙ୍କ ପ୍ରତ୍ୟେକ ନିଃଶ୍ୱାସ ପ୍ରଶ୍ୱାସ, ଯାହାଙ୍କ ଚଲାବୁଲା ଉପାସନାରେ ପ୍ରବିଷ୍ଟ ଥିଲା, ଯାହାଙ୍କର ଶୋଇବା ଏବଂ ନିଦରୁ ଉଠିବା ଉପାସନାରେ ପ୍ରବିଷ୍ଟ ଥିଲା, ଏତେ ମହାନ ଉପାସକ ମନୁଷ୍ୟ ଯେତେବେଳେ ଏକଥା କୁହେ କି ମୁଁ ନିଜର କର୍ମ ଦ୍ୱାରା ବୈକୁଣ୍ଠଗାମୀ ହେବି ନାହିଁ ବରଂ ଈଶ୍ୱରଙ୍କ କୃପା ଦ୍ୱାରା ହିଁ ବୈକୁଣ୍ଠଗାମୀ ହେବି ତେବେ ଆଉ କିଏ ସେହି ବ୍ୟକ୍ତି ଯିଏ ନିଜର କର୍ମ ଦ୍ୱାରା ବୈକୁଣ୍ଠରେ ପ୍ରବିଷ୍ଟ ହୋଇଯିବ। ଆପଣମମାନେ ଏକଥା ଭାବନ୍ତୁ ନାହିଁ ଯେ, ରସୁଲ୍ କରୀମ୍ ସ.ଅଙ୍କ ପ୍ରତ୍ୟେକ କର୍ମ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଉପାସନାରେ କିପରି ପ୍ରବିଷ୍ଟ ହୋଇଗଲା । ଏହା ସେହିପରି ଅଟେ ଯେପରିକି ଆପଣ ସ.ଅଙ୍କ ସଂପର୍କରେ କୁହାଯାଇଛି ଯେ, ଆପଣ ସ.ଅଙ୍କ ପ୍ରତ୍ୟେକ ଅବସ୍ଥା ଉପାସନା ଥିଲା । ନଜାଣିଥିବା ଲୋକ କହି ପାରିବ ଯେ, ଆଁହଜରତ୍ ସ.ଅଙ୍କ ପ୍ରତ୍ୟେକ ଆଚରଣ, ଗତିବିଧି କିପରି ଉପାସନା ହୋଇଗଲା ? କିନ୍ତୁ ଆମମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଉକ୍ତ କଥାଟି ସଂପୂର୍ଣ୍ଣ ରୂପେ ସଠିକ୍ ଯେ, ମୁହମ୍ମଦ ସ.ଅଙ୍କ ପ୍ରତ୍ୟେକ କୃତ୍ୟ ଉପାସନା ଥିଲା । ହଁ ଆପଣ ସ.ଅଙ୍କ ବ୍ୟତୀତ ଅନ୍ୟ କାହାରି କୃତ୍ୟ ଉପାସନା ହୋଇ ପାରିବ ନାହିଁ । ଆପଣ ସ.ଅ ହେଉଛନ୍ତି ସର୍ବୋଚ୍ଚ ଆଦର୍ଶ, ତେଣୁ ଆପଣ ସ.ଅଙ୍କ ପ୍ରତ୍ୟେକ କୃତ୍ୟ ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଯେଉଁ କାର୍ଯ୍ୟ ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ସକାଶେ ସମ୍ପାଦନ କରା ଯାଇଥାଏ ତାହା ଉପାସନା ହୋଇ ଯାଇଥାଏ । ଅନ୍ୟ କୌଣସି ବ୍ୟକ୍ତିର ପ୍ରତ୍ୟେକ କାର୍ଯ୍ୟ ଉପସନା ହୋଇଯାଇ ନଥାଏ । ଆଁହଜରତ୍ ସ.ଅଙ୍କ ସଂକ୍ରାନ୍ତରେ ଈଶ୍ୱର କହିଲେ, لَكُمْ فِيْ رَسُوْلِ اللّٰهِ اُسْوَةٌ حَسَنَةٌ ଅର୍ଥାତ୍ ତୁମମାନଙ୍କ ନିମନ୍ତେ ରସୁଲୁଲ୍ଲାଃ ସ.ଅ ପ୍ରତ୍ୟେକ କୃତ୍ୟରେ ଏକ ଆଦର୍ଶ ଅଟନ୍ତି । କ'ଣ ଏହାର ଅର୍ଥ ଏହା ନୁହେଁ ଯେ, ରସୁଲୁଲ୍ଲାଃ ସ.ଅ ନିଜର କୃତ୍ୟରୁ ଏହା କହିବେ ଯେ, କେଉଁ କୃତ୍ୟ ବୈଧ ଅଟେ ଓ କେଉଁ କୃତ୍ୟ ଅବୈଧ (କେଉଁ କାର୍ଯ୍ୟ କରିବା ଉଚିତ୍ ଓ କେଉଁ କାର୍ଯ୍ୟ କରିବା ଅନୁଚିତ୍) ଅଟେ । କ'ଣ ଏହାର ଅର୍ଥ ଏହା ନୁହଁ ଯେ,ରସୁଲ୍ କରୀମ୍ ସ.ଅ ନିଜର କୃତ୍ୟ ଦ୍ୱାରା କହିଦେବେ ଯେ, କେଉଁ କୃତ୍ୟଟି ବୈଧ ଅଟେ ଓ କେଉଁଟି ଅବୈଧ ଅଟେ ? କେଉଁଟି ଭଲ ଅଟେ ଓ କେଉଁଟି ଭଲ ନୁହେଁ, କେଉଁଟି ସ୍ୱୀକୃତ ଓ କେଉଁଟି ବର୍ଜିତ ଅଟେ ? ଅତଏବ୍ ରସୁଲ୍ କରୀମ୍ ସ.ଅଙ୍କ ପ୍ରତ୍ୟେକ କାର୍ଯ୍ୟ ଗୋଟିଏ ଗୋଟିଏ ବର୍ଣ୍ଣନା ଅଟେ ଓ ଏକ ଡେସ୍କ୍ରିପ୍‌ସନ୍ (Description) ଅଟେ । ଉଦାହରଣ ସ୍ୱରୂପ ଆପଣ ସ.ଅଙ୍କ ନମାଜ୍ ପାଠ କରିବା କେବଳ ଈଶ୍ୱରଙ୍କ ଆଦେଶ ପାଳନ ନଥିଲା ବରଂ ଏହି ଘୋଷଣା ଥିଲା କି ଏହା ଏକ କର୍ତ୍ତବ୍ୟ ଅଟେ, ଏହା ସୁନ୍ନତ୍ (ପ୍ରଥା ଓ ପରମ୍ପରା) ଅଟେ ଓ ଯେଉଁ ନଓାଫିଲ୍ ଗୁଡ଼ିକ ରହିଛି ତାହା ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ବ୍ୟତୀତ ଅଟନ୍ତି । ଏହି ନଓାଫିଲ୍ ପାଠ କରିବା ଈଶ୍ୱରଙ୍କ ସାମୀପ୍ୟତା ପ୍ରାପ୍ତି ନମିନ୍ତେ ନିତାନ୍ତ ଜରୁରୀର ଅଟେ । ଆପଣ ସ.ଅଙ୍କ ଖାଦ୍ୟ ଖାଇବା ଉକ୍ତ କଥାର ଘୋଷଣା ଥିଲା ଯେ, ଆପଣ ସ.ଅ ଯାହା କିଛି ଖାଉଛନ୍ତି ବା ସେବନ କରୁଛନ୍ତି ତାହା ହଲାଲ୍ (ବୈଧ) ଅଟେ । ଯେଉଁ ଜିନିଷ ଆପଣ ସ.ଅ ଖାଉ ନଥିଲେ ତାହା ସେବନ ଯୋଗ୍ୟ ବସ୍ତୁ ବୋଲି ବିବେଚିତ ହେଉ ନଥିଲା। ତେଣୁ ରସୁଲ୍ କରୀମ୍ ସ.ଅଙ୍କ ପ୍ରତ୍ୟେକ କୃତ୍ୟ ଯେହେତୁ ଲୋକମାନଙ୍କ ପାଇଁ ଉଦାହରଣ ଏବଂ ଆଦର୍ଶ ପାଲଟି ଯାଇଥିଲା ତେଣୁ ଆପଣ ସ.ଅ ଯେଉଁ ବସ୍ତୁକୁ ଉଚିତ୍ ବୋଲି କରୁଥିଲେ ଏବଂ ବ୍ୟବହାର କରୁଥିଲେ ତାହା ଉପାସନା ଥିଲା । ଠିକ୍ ସେହିପରି ଯେଉଁ କୃତ୍ୟ ସମ୍ପାଦନ ନକରିବାକୁ ତଥା ଯେଉଁ ବସ୍ତୁକୁ ଆପଣ ସ.ଅ ନବ୍ୟବହାର କରିବା ନିମନ୍ତେ କହୁଥିଲେ ତାହାକୁ ଆପଣ ସ.ଅ ବ୍ୟବହାର କରୁ ନଥିଲେ । ଏହା ମଧ୍ୟ ଆପଣ ସ.ଅଙ୍କ ଉପାସନାରେ ଅନ୍ତର୍ଭୁକ୍ତ ଓ ପ୍ରବିଷ୍ଟ ଥିଲା । ସେ ଯାହା ହେଉ ଆପଣ ସ.ଅଙ୍କ ପ୍ରତ୍ୟେକ କୃତ୍ୟ ଉପାସନା ଥିଲା । କାରଣ ଆପଣ ସ.ଅଙ୍କ ପ୍ରତ୍ୟେକ କୃତ୍ୟ ଏବଂ କର୍ମ ଈଶ୍ୱରଙ୍କ ଆଦେଶାନୁଯାୟୀ ଏବଂ ଈଶ୍ୱରଙ୍କ ଆଦେଶାଧୀନ ଥିଲା । ସୁତରାଂ ଏହାର ଏକ ଉଦାହରଣ ମଧ୍ୟ ରହିଛି ଯେ, ଏକଦା ଜଣେ ବ୍ୟକ୍ତି ଆଁହଜରତ୍ ସ.ଅଙ୍କୁ ଅସର୍ ନମାଜର ସମୟ ସଂପର୍କରେ ପଚାରିଲା । ତହିଁରୁ ଏହା ପ୍ରକାଶ୍ୟ ଯେ, ପ୍ରାରମ୍ଭିକ ସମୟରେ ହିଁ ନମାଜ ପାଠ କରି ଗ୍ରହଣୀୟ ଓ ଉତ୍ତମ ଅଟେ । କିନ୍ତୁ ଆଁହଜରତ୍ ସ.ଅ ଏତେ ବିଳମ୍ବ କଲେ ଯେ, ସମୟ ଅତ୍ୟନ୍ତ ସଂକ୍ଷିପ୍ତ ହୋଇଗଲା । ଆପଣ ସ.ଅଙ୍କ ନମାଜ୍‌ରେ ବିଳମ୍ବ କରିବା ମଧ୍ୟ ଉପାସନା ଥିଲା । କାହିଁକି ? ଏଇଥି ପାଇଁ ଯେ, ଆପଣ ସ.ଅ ଏହି ନୀତିଶିକ୍ଷା ପ୍ରଦାନ କରୁଥିଲେ ଯେ, ଯଦି ମନୁଷ୍ୟ କୌଣସି କାରଣ ବଶତଃ ପ୍ରାରମ୍ଭିକ ସମୟରେ ନମାଜ୍ ପାଠ କରି ନପାରେ ଶେଷ ସମୟ ପର୍ଯ୍ୟନ୍ତ ପାଠ କରିନିଏ ତେବେ ମଧ୍ୟ ତା'ର ନମାଜ୍ ହୋଇଯିବ । ଅତଏବ୍ କର୍ତ୍ତବ୍ୟରେ ଘୋଷଣା ରହିଥିଲା, ଅନିର୍ବାର୍ଯ୍ୟରେ ଘୋଷଣା ଥିଲା, ନଓାଫିଲ୍ ଏବଂ ସୁନ୍ନତରେ ଘୋଷଣା ରହିଥିଲା । ଏହି ସମସ୍ତ ପ୍ରସଙ୍ଗ ଈଶ୍ୱର ଉପାସନା ଅଟେ । ଏହି ଅବସ୍ଥା ସତ୍ତ୍ୱେ ମଧ୍ୟ ଆପଣ ସ.ଅ କୁହନ୍ତି ଯେ, ଈଶ୍ୱରଙ୍କ କୃପା ଦ୍ୱାରା ହିଁ ମୁଁ ବୈକୁଣ୍ଠଗାମୀ ହେବି । ଅର୍ଥାତ୍ ଯେପର୍ଯ୍ୟନ୍ତ ମୋ ଉପରେ ଈଶ୍ୱରଙ୍କ କୃପା ହୋଇ ନାହିଁ ସେପର୍ଯ୍ୟନ୍ତ ମୁଁ ମଧ୍ୟ ବୈକୁଣ୍ଠରେ ପ୍ରବିଷ୍ଟ ହୋଇପାରିବି ନାହିଁ । ତେଣୁ ଈଶ୍ୱର ମୋ ଉପରେ କୃପା କଲେ ଯାଇ ମୁଁ ବୈକୁଣ୍ଠରେ ପ୍ରବିଷ୍ଟ ହୋଇପିରିବ । ପୁନଶ୍ଚ ଆମେମାନେ ଏବଂ ଆମମାନଙ୍କର ଯେଉଁ କର୍ମ ରହିଛି ତାହା ତ' ଖୁବ୍ ସ୍ୱଳ୍ପ ଅଟେ, ଆମେମାନେ କିପରି କହି ପାରିବା ଯେ, ଆମେମାନେ ନିଜର କର୍ମ ଦ୍ୱାରା ବୈକୁଣ୍ଠଗାମୀ ହୋଇଯିବୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତହିଁରୁ ଏହା ପ୍ରକଟିତ ହୋଇଗଲା ଯେ, ଈଶ୍ୱର କୃପା ଅତ୍ୟନ୍ତ ଆବଶ୍ୟକୀୟ ପ୍ରସଙ୍ଗ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପା ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ ଅଟେ। କିନ୍ତୁ ଅଲ୍ଲାଃତାଲାଙ୍କ କୃପା ମଧ୍ୟ ଦାବି ଦ୍ୱାରା ହୋଇ ପାରିବ ନାହିଁ । ତାହାଙ୍କ କୃପାକୁ ପ୍ରାପ୍ତ କରିବା ନିମନ୍ତେ ମଧ୍ୟ କୌଣସି ନା କୌଣସି ଜିନିଷର ଆବଶ୍ୟକତା ରହିଛି । କେବଳ ବିଶ୍ୱାସର ଦାବି ଦ୍ୱାରା କିଛି ସାଧନ ହୋଇ ନଥାଏ । ତେଣୁ ଈଶ୍ୱରଙ୍କ କୃପା କିପରି ପ୍ରାପ୍ତ ହେବ ? ତାହା ସତ୍‌କର୍ମ ହିଁ ଅଟେ । ଆଁହଜରତ୍ ସ.ଅଙ୍କ ପ୍ରଥା ଓ ପରମ୍ପରା ଉପରେ କାର୍ଯ୍ୟାନୁସରଣ କରି ଆପଣ ସ.ଅଙ୍କ ଦ୍ୱାରା ସମ୍ପାଦିତ କର୍ମ ଉପରେ କାର୍ଯ୍ୟାନୁସରଣ କରିବା, ନିଜ ଉପାସନାର ସ୍ତରକୁ ବୃଦ୍ଧି କରିବା ନିମନ୍ତେ ଉଦ୍ୟମ କରିବା, ଅଲ୍ଲାଃତାଲାଙ୍କ ପ୍ରେମକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ହିଁ ପ୍ରକୃତ ପ୍ରସଙ୍ଗ ଅଟେ । ଯେପରିକି ମୁଁ ପ୍ରାରମ୍ଭରେ କହିଥିଲି ଯେ, ଉପାସନା ଈଶ୍ୱର ପ୍ରେମ ବ୍ୟତୀରେକ ହୋଇ ପାରିବ ନାହିଁ ଓ ଈଶ୍ୱର ପ୍ରେମ ଉପାସନା ବ୍ୟତୀରେକ ହୋଇ ପାରିବ ନାହିଁ । **(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-7, ପୃ-111-112ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ଦୁଆ କରିବାର ଅବସ୍ଥା କିପରି ଥିଲା ? ଏଥି ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜ ତଫ୍‌ସିର୍‌ରେ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି । କେତେକ ସ୍ଥାନରେ ମୁଁ ନିଜର ଶବ୍ଦ ମଧ୍ୟ ବର୍ଣ୍ଣନା କରିଦେବି । କିନ୍ତୁ ସେ ଯାହା ହେଉ ତହିଁରୁ ହିଁ ଆହରଣ କରାଯାଇଛି ଯେ, ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ଦୁଆ କରିଥାଆନ୍ତି । କିନ୍ତୁ ସେମାନଙ୍କର ଚକ୍ଷୁ, ହୃଦୟ, ସେମାନଙ୍କର ମସ୍ତିଷ୍କ, ସେମାନଙ୍କ ଦୁଆ (ପ୍ରାର୍ଥନାର) ସମର୍ଥନକାରୀ ହୋଇ ନଥାଏ । ସେମାନେ ଦୁଆ ତ' କରୁଛନ୍ତି କିନ୍ତୁ ସେମାନଙ୍କର ଚକ୍ଷୁ ଅନ୍ୟ ସ୍ଥାନରେ ଏବଂ ମନ ଅନ୍ୟ ସ୍ଥାନରେ ହୋଇଥାଏ ଓ ମସ୍ତିଷ୍କ ଅନ୍ୟ ସ୍ଥାନରେ ହୋଇଥାଏ। ହୃଦୟରେ ସେହି ପ୍ରେମ ତଥା ଆନ୍ତରୀକତା ହୋଇ ନଥାଏ ଯେଉଁ ପ୍ରେମ ଏବଂ ଆନ୍ତରୀକତା ସେମାନଙ୍କ ହୃଦୟରେ ରହିବା ଉଚିତ୍ । ଈଶ୍ୱରଙ୍କ ନିମନ୍ତେ ସେହି ପ୍ରେମ ସେମାନଙ୍କ ମନରେ ନଥାଏ । ତାହାହେଲେ କେଉଁ ପରିଣାମ ବାହାରିଥାଏ ? ଏହି ପରିଣାମ ହିଁ ବାହାରିଥାଏ । କାରଣ ଏହି ପ୍ରସଙ୍ଗ ଦୁଆ ସହିତ ଜାରି ରହୁ ନାହିଁ, ତାହାକୁ ସମର୍ଥନ ଜଣାଉ ନାହିଁ, ସେଇଁଥି ପାଇଁ ସେହି ଦୁଆ ଏକ ପ୍ରକାଶ୍ୟ ଦୁଆ ହିଁ ହୋଇଥାଏ, ଦୁଆକାରୀର ଚକ୍ଷୁ ଆର୍ଦ୍ର ହେଉ ନାହିଁ, ହୃଦୟ ତରଳୁ ନାହିଁ । ତେଣୁ ଦୁଆ କରିବା ସମୟରେ ଆଖି ଆର୍ଦ୍ର (ଲୁହ ଦ୍ୱାରା ଭିଜିବା ଉଚିତ୍), ହୃଦୟ ତରଳିବା (ଦ୍ରବୀଭୂତ) ହେବା ଉଚିତ୍, ମସ୍ତିଷ୍କ ଏକାଗ୍ରଚିତ୍ତ ହୋଇ ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ଦେବା ଉଚିତ୍ । ଯେତେବେଳେ ଲୋକମାନଙ୍କର ଏବଂ ଦୁଆକାରୀର ହୃଦୟ ଉତ୍ସାହ ଦ୍ୱାରା ବିଚଳିତ ହେଉ ନାହିଁ ତେବେ ପରିଣାମ ଏହା ହିଁ ହୋଇଥାଏ ଯେ, ଯେପରି ଧୂଳି ଉଡ଼ିଥାଏ ଠିକ୍ ସେମାନଙ୍କର ଦୁଆ ପ୍ରତ୍ୟେକ ପ୍ରକାରର ପବନରେ ଉଡ଼ି ଯାଇଥାଏ (ଧୂଆଁ ବାଣ)।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ଅପେକ୍ଷା ଅନ୍ୟ କିଏ ବା ସ୍ୱାଧୀନ ହୋଇ ପାରିବ ? କିନ୍ତୁ ଆପଣ ସ.ଅଙ୍କ ସଂପର୍କରେ ଏହା ଆସେ ଯେ, ଆପଣ ସ.ଅ ଯେତେବେଳେ ଦୁଆ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଛାତି ଭିତରୁ ଏପରି ସ୍ୱର ନିଃସୃତ (ବାହାରୁଥିଲା) ହେଉଥିଲା ଯେପରି ହାଣ୍ଡିରେ ଜଳ ଫୁଟିଥାଏ ଆପଣ ସ.ଅ ଏପରି କାନ୍ଦୁଥିଲେ ଯେ, ଆପଣ ସ.ଅଙ୍କ ପବିତ୍ର ଦାଢ଼ି ଆର୍ଦ୍ର (ଓଦା) ହୋଇଯାଉଥିଲା । କିନ୍ତୁ ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ନିଜର ଅଭ୍ୟାସ ମୁତାବକ ଈଶ୍ୱରଙ୍କ ସହିତ ମଧ୍ୟ ଅହଂକାର ପ୍ରଦର୍ଶନ କରିଥାଆନ୍ତି ଏବଂ ଦୁଆରେ ରୋଦନ ଏବଂ ବିଳାପ କରିବା ପସନ୍ଦ କରିଥାଆନ୍ତି । **(ସିରତୁନ୍ ନବୀ ସ.ଅ, ଲେଖକ- ହ. ମୁସ୍‌ଲେହ୍ ମଉଦ୍ ର.ଅ, ଗ୍ରନ୍ଥଖଣ୍ଡ-2, ପୃ-149ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍‌ରେ ବିହ୍ୱଳତା ଏବଂ ରୋଦନମୟ ଅବସ୍ଥା ସୃଷ୍ଟି ହେବା ନିହାତି ଜରୁରୀ ଅଟେ । ଏଥି ପାଇଁ ମନୁଷ୍ୟ (ବ୍ୟକ୍ତିକୁ) ଉଦ୍ୟମ ମଧ୍ୟ କରିବା ଉଚିତ୍ । ଏଥି ନିମନ୍ତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ନୁସଖା (ପଥ୍ୟ) ମଧ୍ୟ କହିଛନ୍ତି ଯେ, ନିଜର ମୁଖମଣ୍ଡଳକୁ କାନ୍ଦିଲା ଭଳି କରିନିଅ । ଫଳତଃ ଏହି ପ୍ରକାଶ୍ୟଗତ ଅବସ୍ଥା ଦ୍ୱାରା ମଧ୍ୟ ହୃଦୟ ଉପରେ ପ୍ରଭାବ ପଡ଼ିଥାଏ ଓ ପୁନଶ୍ଚ ମନୁଷ୍ୟର କାନ୍ଦ ମଧ୍ୟ ବାହାରି ଯାଇଥାଏ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-79, ସଂସ୍କରଣ ବର୍ଷ-2022 ମସିହା)**

ଅତଏବ୍ ଯେଉଁଠି ଆଁହଜରତ୍ ସ.ଅ ଆମମାନଙ୍କୁ ଏହା କହିଲେ କି ମୋର ଉପାସନାର ଏହି ସ୍ତର ରହିଛି ଏବଂ ମୁଁ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ଅଟେ । ଅଲ୍ଲାଃତାଲାଙ୍କ କୃପା ହିଁ ମୋତେ ଉଦ୍ଧାର କରିବ ଓ ତାହାଙ୍କ କୃପାକୁ ପ୍ରାପ୍ତ କରିବା ନିମନ୍ତେ ମୁଁ ଉପାସନା ମଧ୍ୟ କରିଥାଏ ଏବଂ ଅଲ୍ଲାଃତାଲାଙ୍କ ପୁରସ୍କାରର ମୁଁ କୃତଜ୍ଞତା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଜ୍ଞାପନ ମଧ୍ୟ କରିଥାଏ । କାରଣ ଅଲ୍ଲାଃତାଲା ଗନି (ନିଃସ୍ପୃହ ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ଧନ ଦୌଲେତ୍‌ର ଆବଶ୍ୟକତା ନାହିଁ) ଅଟନ୍ତି । ମୁଁ ଯଦି କୃତଜ୍ଞତା ଜ୍ଞାପନ ନକରେ ତେବେ କ'ଣ ଜଣା ଅଲ୍ଲାଃତାଲା ମୋ ସହିତ କେଉଁ ବ୍ୟବହାର ପ୍ରଦର୍ଶ କରିବେ ? ଅତଏବ୍ ଯେତେବେଳେ ଆଁହଜରତ୍ ସ.ଅଙ୍କ ଭଳି ଜଣେ ମହାନ୍ ପୁଣ୍ୟବାନ୍ ବ୍ୟକ୍ତି ଯେକି ସମସ୍ତ ପୁଣ୍ୟବାନ୍ ବ୍ୟକ୍ତିମାନଙ୍କ ଅପେକ୍ଷା ସର୍ବାଧିକ ପୁଣ୍ୟର ଅଧିକାରୀ ତଥା ପୁଣ୍ୟର ଅଧିପତି ଅଟନ୍ତି ସେ ଯଦି କର୍ମରୁ ବହିର୍ଭୂତ (ନିଃସ୍ପୃହ) ନୁହନ୍ତି, ତାହାହାଲେ ଅନ୍ୟ ଲୋକମାନେ କିପରି କର୍ମରୁ ବହିର୍ଭୂତ (ନିଃସ୍ପୃହ) ହୋଇପାରିବେ ? ଅନ୍ୟ ଲୋକମାନେ କିପରି କହି ପାରିବେ ଯେ, ଆମେମାନେ କର୍ମ ବହିର୍ଭୂତ (ନିଃସ୍ପୃହ) ହୋଇଯିବୁ ? ଆମମାନଙ୍କୁ କର୍ମର ଆବଶ୍ୟକତା ନାହିଁ । ଅଲ୍ଲାଃତାଲା (ସାମର୍ଥ୍ୟ) ପ୍ରଦାନ କରିଦେବେ । ଏହା ତ' ଅବିଶ୍ୱାସାକାରୀମାନଙ୍କର କଥନ ବିଶ୍ୱାସକାରୀମାନଙ୍କର କଥନ ନୁହେଁ । **(ସିରତୁନ୍ ନବୀ ସ.ଅ, ଲେଖକ- ହ. ମୁସ୍‌ଲେହ୍ ମଉଦ୍ ର.ଅ, ଗ୍ରନ୍ଥଖଣ୍ଡ-2, ପୃ-183ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ଈଶ୍ୱର ଚର୍ଚ୍ଚା ମଧ୍ୟ ଏକ ସୁନ୍ନତ୍ (ପ୍ରଥା) ଅଟେ । ଆପଣ ସ.ଅ ରାତ୍ରରେ ଶୋଇବା ପୂର୍ବରୁ ଈଶ୍ୱର ଚର୍ଚ୍ଚା କରୁଥିଲେ । ଏଥି ସଂକ୍ରାନ୍ତରେ ମଧ୍ୟ ଏକ ଖୁତ୍‌ବାରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେହେତୁ ଆଁହଜରତ୍ ସ.ଅ ସର୍ବଦା ଏହି ଚର୍ଚ୍ଚା କରୁଥିଲେ । ତେଣୁ ରାତ୍ର ସମୟରେ ଆପଣ ସ.ଅ ଆୟତୁଲ୍ କୁର୍ସି ପାଠ କରୁଥିଲେ ଓ ତିନି କୁଲ୍ ଅର୍ଥାତ୍ ସୁରାଃ ଇଖ୍‌ଲାସ୍, ସୁରାଃ ଫଲକ୍ ଓ ସୁରାଃ ନାସ୍ ପାଠ କରୁଥିଲେ । ଏହି ତିନୋଟି ସୁରାଃ ପବିତ୍ର କୁରଆନ୍ କରୀମ୍‌ର ଶେଷ ସୁରାଃ ଅଟନ୍ତି । ଏହାକୁ ତିନି ଥର ଆପଣ ସ.ଅ ପାଠ କରି ନିଜ ହାତକୁ ମୁଖମଣ୍ଡଳ ଉପରେ ଫୁଙ୍କ ମାରି ସମଗ୍ର ଶରୀର ଉପରେ ସ୍ପର୍ଶ କରାଉଥିଲେ । ଆପଣ ସ.ଅ ପ୍ରଥମେ ନିଜ ମୁଣ୍ଡ ଆଡ଼କୁ ହାତ ବୁଲାଉଥିଲେ ଅର୍ଥାତ୍ ସ୍ପର୍ଶ କରୁଥିଲେ । ଆପଣ ସ.ଅଙ୍କ ହାତ ଯେଉଁ ପର୍ଯ୍ୟନ୍ତ ପହଞ୍ଚି ପାରୁଥିଲା ସେପର୍ଯ୍ୟନ୍ତ ଆପଣ ସ.ଅ ନିଜର ହାତକୁ ଶରୀରରେ ସ୍ପର୍ଶ କରୁଥିଲେ (ବୁଲାଉଥିଲେ)। ଏହା ଆପଣ ସ.ଅଙ୍କ ସୁନ୍ନତ (ପ୍ରଥା, ପରମ୍ପରା) ଅଟେ । ଅତଏବ୍ ଯେଉଁ କାର୍ଯ୍ୟକୁ ଆପଣ  ସ.ଅ ଧାର୍ମିକ କାର୍ଯ୍ୟ ମନେକରି ନିୟମିତ ରୂପେ ଓ ନିରନ୍ତରତା ସହିତ ଜାରି ରଖିଲେ ତାହାକୁ ସୁନ୍ନତ୍ କୁହାଯାଏ । ତେଣୁ ଉକ୍ତ ପରମ୍ପରାକୁ ମଧ୍ୟ ପ୍ରତ୍ୟେକ ମୁସଲମାନ କରିବା ଉଚିତ୍ । କେବଳେ ସେତିକି ନୁହେଁ ବରଂ ଏହାକୁ ନିଜ ଜୀବନରୁ ଜରୁରୀ ଅଂଶ କରିନେବା ଉଚିତ୍ ।

ଯେହେତୁ ଆଁହଜରତ୍ ସ.ଅ ସର୍ବଦା ଏହି ଚର୍ଚ୍ଚା କରୁଥିଲେ । ଅର୍ଥାତ୍ ରାତ୍ର ସମୟରେ ଆପଣ ସ.ଅ ଆୟତୁଲ୍ କୁର୍ସି ପାଠ ଓ କୁଲ୍ ପାଠ କରୁଥିଲେ । ତେଣୁ ଉକ୍ତ ପରମ୍ପରାକୁ ମଧ୍ୟ ପ୍ରତ୍ୟେକ ମୁସଲମାନ କରିବା ଉଚିତ୍ । କେବଳ ସେତିକି ନୁହେଁ ବରଂ ଏହାକୁ ନିଜ ଜୀବନର ଏକ ଜରୁରୀ ଅଙ୍ଗ କରିନେବା ଉଚିତ୍ । ଅତଏବ୍ ଈଶ୍ୱର ଚର୍ଚ୍ଚା ଏହା ମନେକରି ଛାଡ଼ିଦେବା ଉଚିତ୍ ନୁହେଁ ଯେ, ଈଶ୍ୱର ଚର୍ଚ୍ଚା ଜରୁରୀ ନୁହେଁ । ଈଶ୍ୱର ଚର୍ଚ୍ଚା ନକରିବା ଦ୍ୱାରା ଆମେମାନେ ନର୍କଗାମୀ ହୋଇଯିବୁ ତାହା ନୁହେଁ । ସେହିପରି ଏହା ମଧ୍ୟ ଭାବିବା ଅନୁଚିତ୍ ଯେ, କେବଳ ଈଶ୍ୱର ଚର୍ଚ୍ଚା ବୈକୁଣ୍ଠଗାମୀ କରାଇବା ନିମନ୍ତେ ଯଥେଷ୍ଟ ଅଟେ। କେବଳ ଈଶ୍ୱର ଚର୍ଚ୍ଚା କରିବା ଓ ଅନ୍ୟ କର୍ମ ସମ୍ପାଦନ କରିବାର ଆବଶ୍ୟକତା ନାହିଁ। ଏପରି ଧାରଣା ଭୁଲ୍ ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେଉଁ ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ରହିଛି ତାହା ମଧ୍ୟ ସଂପାଦନ କରିବାକୁ ପଡ଼ିବ । କେତେକ ଲୋକମାନେ ମୋତେ ମଧ୍ୟ ପତ୍ର ଲେଖନ୍ତି ଏବଂ ପ୍ରଶ୍ନ କରନ୍ତି ଯେ, ହୁଜୁର ଆମେମାନଙ୍କୁ ଗୋଟିଏ ଛୋଟିଆ ଦୁଆ କୁହନ୍ତୁ, କୌଣସି ଈଶ୍ୱର ଚର୍ଚ୍ଚା ସଂପର୍କରେ କୁହନ୍ତୁ ଯେଉଁ ଈଶ୍ୱର ଚର୍ଚ୍ଚା କରିବା ଦ୍ୱାରା ଆମମାନଙ୍କ ମଧ୍ୟରେ ପୁଣ୍ୟଭାବ ସୃଷ୍ଟି ହୋଇଯିବ, ଆମମାନଙ୍କର ପାପ ମଧ୍ୟ ଧୋଇ ହୋଇଯିବ, ଆମମାନଙ୍କର କାମ ହୋଇଯିବ ଓ ଅଲ୍ଲାଃତାଲାଙ୍କ ସାନ୍ନିଧ ମଧ୍ୟ ପ୍ରାପ୍ତ ହୋଇଯିବ । ତେଣୁ ପ୍ରଥମ କଥା ହେଲା ଉପାସନା । ଅର୍ଥାତ୍ ନମାଜ୍ ଯାହାକି ଫର୍ଜ (ଅନିର୍ବାର୍ଯ୍ୟ ଓ ଧେୟ) ଅଟେ । ଆଁହଜରତ୍ ସ.ଅ ଫର୍ଜ ନମାଜ୍ ପରେ ନଫିଲ୍ ନମାଜ ମଧ୍ୟ ପାଠ କରିଥିଲେ । ତେଣୁ ନମାଜ୍‌ରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥିତ ହେବାର ଯେଉଁ ସ୍ତର ରହିଛି  ତାହା ପ୍ରଥମେ ପ୍ରାପ୍ତ କରିବାର ଆବଶ୍ୟକତା ରହିଛି । ତତ୍ପରେ ନୱାଫିଲ୍ ରହିଛି । ପୁନଶ୍ଚ ତତ୍ପରେ ଈଶ୍ୱର ଚର୍ଚ୍ଚା ରହିଛି । ଈଶ୍ୱର ଚର୍ଚ୍ଚା ମନୁଷ୍ୟକୁ ଅତିରିକ୍ତ ପୁଣ୍ୟାବଳୀ ଆଡକୁ ଧ୍ୟାନ ଆକର୍ଷିତ କିରଥାଏ । ଅର୍ଥାତ୍ ପୁଣ୍ୟ କର୍ମ ସମ୍ପାଦନ କରିବା ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ । କିନ୍ତୁ ତତ୍‌ସହିତ ଅନ୍ୟ ଚରିତ୍ର, କର୍ମ, କୃତ୍ୟ ଇତ୍ୟାଦି ମଧ୍ୟ ସମ୍ପାଦନ କରିବା ଆବଶ୍ୟକ ଅଟେ । ମନୁଷ୍ୟକୁ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ମଧ୍ୟ ଅଧିକାରୀ ହେବା ଉଚିତ୍ । ଅଲ୍ଲାଃତାଲାଙ୍କର ସାନ୍ନିଧ ଓ ତାହାଙ୍କ ସାମୀପ୍ୟତା ପ୍ରାପ୍ତ କରିବା, ନିଜ ସମସ୍ୟାର ସମାଧାନ ଏବଂ ନିଜର ଦୁଆ (ପ୍ରାର୍ଥନା)ର ସ୍ୱୀକୃତି ନିମନ୍ତେ ଜରୁରୀ ଅଟେ । କାରଣ ଅଲ୍ଲାଃତାଲାଙ୍କ ପ୍ରତ୍ୟେକ ଆଦେଶାବଳୀକୁ କାର୍ଯ୍ୟାକାରୀ କରାଯାଉ । ସେହିସବୁ ଆଦେଶାବଳୀଗୁଡ଼ିକୁ ଏପରି କାର୍ଯ୍ୟକାରୀ ବା କାର୍ଯ୍ୟାନୁସରଣ କରାଯିବା ଉଚିତ୍ ଯେପରି ଆଁହଜରତ୍ ସ.ଅ ଆମମାନଙ୍କୁ କରି ଦେଖାଇଛନ୍ତି । ତେଣୁ ଏଥି ନିମନ୍ତେ ଉଦ୍ୟମ କରାଯିବ ଉଚିତ୍ ଓ ଆପଣ ସ.ଅଙ୍କ ପୂର୍ଣ୍ଣ ପ୍ରଥା ଉପରେ କାର୍ଯ୍ୟାନୁସରଣ କରାଯିବା ଉଚିତ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଚର୍ଚ୍ଚା ସଂପର୍କରେ ଏହା ଭାବିବା ଉଚିତ୍ ନୁହଁ ଯେ, ଈଶ୍ୱର ଚର୍ଚ୍ଚାକୁ ପରିତ୍ୟାଗ କରିବା ଦ୍ୱାରା ଆମେମାନେ ନର୍କଗାମୀ ହେବୁ ତାହା ନୁହେଁ କିମ୍ବା କେବଳ ଈଶ୍ୱର ଚର୍ଚ୍ଚା କରିଦେଲେ ଆମେମାନେ ବୈକୁଣ୍ଠଗାମୀ ହୋଇଯିବୁ ତାହା ନୁହେଁ ଅବା ଈଶ୍ୱର ଚର୍ଚ୍ଚା କରିଦେବା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ହୋଇଯିବ ତାହା ନୁହେଁ । ସେ ଯାହା ହେଉ କର୍ମ ସମ୍ପାଦନ କରିବା ନିହାତି ଜରୁରୀ ଅଟେ ଓ କର୍ତ୍ତବ୍ୟ ନିର୍ବାହ କରିବା ଦ୍ୱାରା ମଧ୍ୟ ଜରୁରୀ ଅଟେ । ଯେତେବେଳେ ଆଁହଜରତ୍ ସ.ଅଙ୍କ ପରି ଜଣେ ବ୍ୟକ୍ତି ନିଜର ଉନ୍ନତି ନିମନ୍ତେ ସେହି ଈଶ୍ୱର ଚର୍ଚ୍ଚା ଉପରେ ନିର୍ଭରଶୀଳ ଥିଲା ତେବେ ଆମେମାନେ କିପରି କହି ପାରିବା ଯେ, ଆମମାନଙ୍କୁ ଏପରି ଈଶ୍ୱର ଚର୍ଚ୍ଚାର ଆବଶ୍ୟକତା ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଏହି ଅଭ୍ୟାସ ଥିଲା କି ଆପଣ ସ.ଅ ଶୋଇବା ସମୟରେ ଆୟତୁଲ୍ କୁର୍ସି ଏବଂ ତିନି କୁଲ୍ ତିନିଥର ପାଠ କରୁଥିଲେ ଏବଂ ପୁନଶ୍ଚ ତତ୍ପରେ ଆପଣ ସ.ଅ ନିଜର ହାତକୁ ମୁଖ ଏବଂ ଶରୀରରେ ପ୍ରସାରିତ କରି ନେଉଥିଲେ । ଅର୍ଥାତ୍ ସ୍ପର୍ଶ କରାଉଥିଲେ ।

**(ଖୁତ୍‌ବାତେ ମହ୍‌ମୁଦ୍, ଗ୍ରନ୍ଥଖଣ୍ଡ-7, ପୃ-19-21ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଅନ୍ୟ କେତେକ କଥା ଆଡ଼କୁ ଅତ୍ୟନ୍ତ ବିସ୍ତୃତତାର ସହିତ ଧ୍ୟାନ ଆକର୍ଷଣ କରିଛନ୍ତି । ଏକ ସ୍ଥାନରେ ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, "ଯେଉଁ ଲୋକମାନେ ଧର୍ମଗୁରୁ ହୋଇଥାଆନ୍ତି ସେମାନଙ୍କୁ ଉକ୍ତ କଥା ମନେରଖିବା ଉଚିତ୍ ଯେ, ଆମମାନଙ୍କର ଉପାସନା ଏବଂ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ହେବା ଉଚିତ୍ । ଏପରି କେତେକ ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ଧର୍ମନେତା ଅଟନ୍ତି, ନିଜକୁ ବିଦ୍ୱାନ୍ ପଣ୍ଡିତ ବୋଲାନ୍ତି କିମ୍ବା ଧର୍ମ ସଂଗଠନର ମୁଖ୍ୟ ବୋଲାନ୍ତି, ଲେମାନେ ଏହା ମନେକରନ୍ତି ଯେ, ଆମମାନଙ୍କର ଉପାସନା ଅନ୍ୟମାନଙ୍କଅପେକ୍ଷା ଅଧିକ ହେବା ଉଚିତ୍ । ପୁନଶ୍ଚ ଏଥି ନିମନ୍ତେ ବିଶେଷ ରୂପେ କୃତ୍ରିମତା ଓ ଆଡ଼ମ୍ବରତା ଅବଲମ୍ବନ କରିଥାଆନ୍ତି । କାରଣ ଲୋକମାନେ ସେମାନଙ୍କୁ ପୁଣ୍ୟବାନ୍ ଓ ସଦାଚାରୀ ବୋଲି ମନେକରନ୍ତୁ । ଯେଉଁମାନେ ବଡ଼ ବଡ଼ ନେତା ଅଟନ୍ତି, ରାଜନୀତିଜ୍ଞ ଅଟନ୍ତି ସେମାନେ ବର୍ତ୍ତମାନ ଏପରି  କରିବାକୁ ଲାଗିଲେଣି। ସେମାନଙ୍କ ହାତରେ ତସ୍‌ବିହ୍ (ଜପମାଳି) ହୋଇଥାଏ । ମସ୍‌ଜିଦ୍‌ର ଇମାମ୍ ହୁଅନ୍ତୁ କିମ୍ବା କୌଣସି ସଂଗଠନର ପଦାଧିକାରୀ ହୁଅନ୍ତୁ ସେମାନେ ସ୍ୱୟଂକୁ ସଂସାର ପାଇଁ ଆଦର୍ଶ ବୋଲି ମନେକରନ୍ତି କିମ୍ବା ଏହା ହୃଦ୍‌ବୋଧ କରାଇବା ନମିନ୍ତେ ଉଦ୍ୟମ କରିଥାଆନ୍ତି ଯେ, ଆମେମାନେ ତୁମମାନଙ୍କ ନିମନ୍ତେ ଆଦର୍ଶ ଅଟୁ । ସେମାନେ ଏହା ମନକରନ୍ତି ଯେ, ସେମାନେ ଅନ୍ୟମାନଙ୍କ ସକାଶେ ସର୍ବୋଚ୍ଚ ଉଦାରଣ ଏବଂ ଆଦର୍ଶ ଅଟନ୍ତି । ତେଣୁ ସେମାନେ ଆଡମ୍ବରତା ଏବଂ କୃତ୍ରିମତା ଅବଲମ୍ବନ କରିଥାଆନ୍ତି ଓ ପ୍ରକାଶ୍ୟ ରୂପେ ସେମାନେ ଏପରି କରିଥାଆନ୍ତି । ମୁସଲମାନମାନଙ୍କ ମଧ୍ୟରେ ବି ଏହି ପ୍ରସଙ୍ଗ ରହିଛି ଓ ଅଣମୁସଲମାନମାନଙ୍କ ମଧ୍ୟରେ ଏହି ପ୍ରସଙ୍ଗ ରହିଛି । କେତେକ ସଂପ୍ରଦାୟମାନଙ୍କର ବର୍ଣ୍ଣନାରେ ମଧ୍ୟ ଏହିପରି କଥା ଦେଖିବାକୁ ମିଳିଥାଏ । ସେ ଯାହା ହେଉ ମୁସଲମାନମାନେ ଯଦି ଅଛନ୍ତି ତେବେ ସେମାନଙ୍କର ନିଜର ଅବସ୍ଥାକୁ ପରିପ୍ରକାଶ କରିବା ନିମନ୍ତେ ଏହି ଅବସ୍ଥା ରହିଛି ଯେ, ଯଦି ସେମାନେ ୱଜୁ କରନ୍ତି ତେବେ ବିଶେଷ ପ୍ରକାରର ଆୟୋଜନ କରି ବହୁ ସମୟ ପର୍ଯ୍ୟନ୍ତ ନିଜର ଅଙ୍ଗ ପ୍ରତ୍ୟଙ୍ଗକୁ ଧୋଇଥାଆନ୍ତି। ଏପର୍ଯ୍ୟନ୍ତକି ସେମାନେ ଏହା କୁହନ୍ତି ଯେ, ୱଜୁ କରିବା ସମୟରେ ଜଳର ଯେଉଁ ବୁନ୍ଦା ପଡୁଛି ତାହା ମଧ୍ୟ ଶରୀର ଉପରେ ପଡ଼ିବା ଉଚିତ୍ ନୁହଁ । ଏହା ଦ୍ୱାରା ମଧ୍ୟ ଅପବିତ୍ରତା ଏବଂ ଆବର୍ଜନା ସୃଷ୍ଟି ହୋଇଥାଏ । ସେମାନେ ଦୀର୍ଘ ରୁକୁ କରିଥାଆନ୍ତି ଏବଂ ନିଜ ମୁଖମଣ୍ଡଳରୁ ବିନୀତତା ଏବଂ ବିନମ୍ରତା ଭାବ ପରିପ୍ରକାଶ କରିଥାଆନ୍ତି । ଏହା କେବଳ ଲୋକ ଦେଖାଣିଆ ଅଟେ । ଯଦି ସେମାନେ ଅଲ୍ଲାଃତାଲାଙ୍କ ଆନ୍ତରୀକତା ପ୍ରାପ୍ତ କରିବା ନିମନ୍ତେ ଏପରି କରୁଛନ୍ତି ତାହାହେଲେ ଅନ୍ୟ କଥା ଅଟେ । କିନ୍ତୁ ଏମାନେ ତ' ଲୋକ ଦେଖାଣିଆ କରିବା ନିମନ୍ତେ ଏପରି କୃତ୍ୟ ସମ୍ପାଦନ କରିଥାଆନ୍ତି । ଏମାନେ ଲୋକମାନଙ୍କ ଆଗରେ ଖୁବ ଜପମାଳ ଏବଂ ଈଶ୍ୱର ଚର୍ଚ୍ଚା କରିଥାଆନ୍ତି, ହାତରେ ଜପମାଳ ଧରିଥାଆନ୍ତି ଓ ଏହା ପରିପ୍ରକାଶ କରିଥାଆନ୍ତି ଯେ, ସେମାନେ ଈଶ୍ୱର ଚର୍ଚ୍ଚା କରିଥାଆନ୍ତି । କିନ୍ତୁ ଆଁହଜରତ୍ ସ.ଅ ଏସବୁ ସତ୍ତ୍ୱେ ସର୍ବାଧିକ ଧର୍ମପରାୟଣ ସର୍ବାଧିକ ରୂପେ ଈଶ୍ୱରଙ୍କୁ ଡରୁଥିଲେ । ଆପଣ ସ.ଅଙ୍କ ତୁଲ୍ୟ ଧର୍ମପରାୟଣତା ଓ ଈଶ୍ୱରଭୀରୁତା ଅନ୍ୟ କୌଣସି ବ୍ୟକ୍ତି ସୃଷ୍ଟି କରି ପାରିବ ନାହିଁ ।

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

କିନ୍ତୁ ଏସବୁ ସତ୍ତ୍ୱେ ଆପଣ ସ.ଅ ସମସ୍ତ ପ୍ରସଙ୍ଗରେ ସରଳ ଥିଲେ ଏବଂ ଆପଣ ସ.ଅଙ୍କ ଜୀବନ ଆଡ଼ମ୍ବରତା ଠାରୁ ସୁପୂର୍ଣ୍ଣ ରୂପେ ପବିତ୍ର ଥିଲା । "

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅବୁ କତାଦା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, ମୁଁ ବେଳେବେଳେ ନମାଜ୍ ପାଇଁ ଛିଡ଼ା ହୋଇଥାଏ ଏବଂ ଏହି ଇଚ୍ଛା ବ୍ୟକ୍ତ କରିଥାଏ ଯେ, ମୁଁ ନମାଜ୍‌କୁ ଦୀର୍ଘ କରିବି । କିନ୍ତୁ କୌଣସି ଶିଶୁର ରୋଦନ ଏବଂ ବିଳାପ ସ୍ୱର ଶୁଣି ମୁଁ ନିଜର ନମାଜ୍‌କୁ ସେହି ଭୟରେ ସଂକ୍ଷିପ୍ତ କରି ଦେଇଥାଏ । କାରଣ ମୁଁ ପିଲାର ମା'କୁ କୌଣସି ସମସ୍ୟାଗ୍ରସ୍ତ ଯେପରି କରି ନଦିଏ ସେଇଥି ପାଇଁ ମୁଁ ନମାଜ୍‌କୁ ସଂକ୍ଷିପ୍ତ କରି ଦେଇଥାଏ । ଆଁହଜରତ୍ ସ.ଅ କିଭଳି ସରଳତାର ସହିତ କହିଲେ, ମୁଁ ଛୋଟ ପିଲାର ସ୍ୱର ଶୁଣି ନମାଜ୍‌କୁ ସଂକ୍ଷିପ୍ତ କରି ଦେଇଥାଏ । ଆଜିକାଲିର ସାଧୁ ସନ୍ଥମାନେ ତ' ଏପରି ବଚନ ତଥା ବାଣୀକୁ ସମ୍ଭବତଃ ନିଜର ତିରସ୍କାର ବୋଲି ମନେକରିବେ । ସେମାନେ ତ' ଉକ୍ତ କଥାର ପରିପ୍ରକାଶରେ ନିଜର ଗର୍ବ ବୋଲି ମନେକରନ୍ତି ଯେ, ଆମେମାନେ ନମାଜ୍‌ରେ ଏପରି ନିମଜ୍ଜିତା ହୋଇଥାଉ ଯେ, କିଛି ଖୋଜ ଖବର ହିଁ ରହିଲା ନାହିଁ । ଆମ ପାଖରେ ଯଦି ଢୋଲ ବି ବାଜେ ତେବେ ମଧ୍ୟ ଆମକୁ କିଛି ଫରକ୍ ପଡ଼ୁ ନାହିଁ । କିନ୍ତୁ ଆଁହଜରତ୍ ସ.ଅ ସେହିସବୁ ଆଡମ୍ବରତା ଠାରୁ ଦୋଷମୁକ୍ତ ଥିଲେ । ଆପଣ ସ.ଅଙ୍କ ମର୍ଯ୍ୟାଦା ଈଶ୍ୱରଙ୍କ ପ୍ରଦତ୍ତ ଥିଲା । କୌଣସି ମନୁଷ୍ୟ ଦତ୍ତ ନଥିଲା ଯେ, କୌଣସି ମନୁଷ୍ୟ ଆପଣ ସ.ଅଙ୍କୁ ମର୍ଯ୍ୟାଦା ସଂପନ୍ନ କରିବ । ଆପଣ ସ.ଅ ମନୁଷ୍ୟ ଠାରୁ କିଛି ବି ଆଶା କରୁ ନଥିଲେ । ଆପଣ ସ.ଅ ଈଶ୍ୱରଙ୍କ ଠାରୁ ମର୍ଯ୍ୟାଦା ପ୍ରାପ୍ତିର ଆବଶ୍ୟକତା ଥିଲା । ସେଇଁଥି ପାଇଁ ଆପଣ ସ.ଅ ସେହିସବୁ କଥାରୁ (ପ୍ରସଙ୍ଗରୁ) ଦୋଷମୁକ୍ତ ଥିଲେ । ଏହି ଧାରଣାଟି ସେହିମାନେ ହିଁ ବିଚାର କରିପାରିବେ ଯେଉଁମାନେ ମନୁଷ୍ୟମାନଙ୍କର ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନକାରୀ ରୂପେ ମନେକରନ୍ତି । ଏହି ଲୋକ ଦେଖାଣିଆ କେବଳ ସେହି ଲୋକମାନଙ୍କର ହିଁ ହୋଇପାରିବ ଯେଉଁମାନେ ମନୁଷ୍ୟକୁ ସମ୍ମାନ ଜଣାଇ ଥାଆନ୍ତି । ଆଁହଜରତ୍ ସ.ଅ ଯେଭଳି ପ୍ରଥା ଏବଂ ପରମ୍ପରା ସ୍ଥାପନ କଲେ ଏବଂ ଆପଣ ସ.ଅ ଯେପରି ନିଜର କୃତ୍ୟ ସମ୍ପାଦନ କରି ଦେଖାଇଥିଲେ ସେପରି ମର୍ଯ୍ୟାଦା ଏବଂ ପ୍ରଥା ଏବଂ ପରମ୍ପରା ତଥା ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ପ୍ରତି ସମ୍ମାନ ପ୍ରଦର୍ଶନକାରୀ ବ୍ୟକ୍ତିମାନେ କଦାପି ଏପରି ବିଚାର (ଭାବି ପାରିବେ) କରିପାରିବେ ନାହିଁ । ସେମାନଙ୍କ ମଧ୍ୟରେ ତ' ସରଳତା ହୋଇଥାଏ ଏବଂ ହେବା ମଧ୍ୟ ଉଚିତ୍ । ହ ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଆପଣଙ୍କୁ ଅର୍ଥାତ୍ ହ. ଅନସ୍ ର.ଅଙ୍କୁ ପ୍ରଶ୍ନ କରାଗଲା ଯେ, ହେ ଅନସ୍ ର.ଅ ! କ'ଣ ନବୀ କରୀମ୍ ସ.ଅ ଜୋତା ପିନ୍ଧି ନମାଜ ପାଠ କରିନେଉଥିଲେ କି ? ବର୍ତ୍ତମାନ ଏକ ପକ୍ଷରେ ଉପାସନା ରହିଛି ଓ ଅନ୍ୟ ପଟରେ ସ୍ତର ମଧ୍ୟ ଭଲ ପ୍ରାପ୍ତ କରିବା ଉଚିତ୍ । କିନ୍ତୁ ଯେଉଁଠି ସହଜତାର ଆବଶ୍ୟକତା ରହିଛି ସେଠାରେ ପୁଣି ସହଜତା ମଧ୍ୟ ରହିଛି।

ହୁଜୁର ଅନ୍ୱର୍ ଅ.ବ କହିଲେ ଯେପରିକି ମୁଁ ଅସର୍ ନମାଜ ସଂପର୍କରେ କହିଲି ଯେ, ଆମେମାନେ ପ୍ରତ୍ୟେକ ପାର୍ଶ୍ୱକୁ ନିଜ ସମ୍ମୁଖରେ ରଖିଥାଉ । କିନ୍ତୁ ସମ୍ମୁଖରେ ପ୍ରକୃତ ବାସ୍ତବତା ଏହିକି ଯେ, ଅଲ୍ଲାଃତାଲାଙ୍କ ଉପାସନାକୁ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଏବଂ ତାହାଙ୍କ ପ୍ରସନ୍ନତା ପ୍ରାପ୍ତ ଆଡ଼କୁ ମଧ୍ୟ ଧ୍ୟାନ ହେବା ଉଚିତ୍ । ସେ ଯାହା ହେଉ ହ. ଅନସ୍ ର.ଅଙ୍କୁ ଯେତେବେଳେ ପଚରାଗଲା କି ହେ ଅନସ୍ ! କ'ଣ ଆଁହଜରତ୍ ସ.ଅ ଜୋତା ସହିତ ନମାଜ୍ ପାଠ କରି ନେଉଥିଲେ ? ହ. ଅନସ୍ ର.ଅ ଉତ୍ତର ଦେଲେ ଯେ, ହଁ ଆଁହଜରତ୍ ସ.ଅ ଜୋତା ସହିତ ନମାଜ ପାଠ କରି ନେଉଥିଲେ । ଉକ୍ତ ଘଟଣାରୁ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅ କିଭଳି ଆଡମ୍ବରତା ଠାରୁ ବର୍ତ୍ତିବାକୁ ପ୍ରୟାସ କରୁଥିଲେ । ମୁସଲମାନମାନେ ଯେଉଁମାନେ ବିଶ୍ୱାସ ଏବଂ ଇସ୍‌ଲାମ୍ ଧର୍ମ ଠାରୁ ଅନବଗତ ଅଟନ୍ତି ଏବଂ ଏହି ଜୋତା ପିନ୍ଧି ନମାଜ୍ ପାଠ କରିବାରୁ ଅପରିଚିତ ଓ ଅନବଗତ ଅଟନ୍ତି ସେମାନେ ଯଦି କୌଣସି ବ୍ୟକ୍ତିକୁ ଜୋତି ପିନ୍ଧି ନମାଜ୍ ପାଠ କରୁଥିବା ଦେଖି ନିଅନ୍ତି ତେବେ ସେମାନେ ଚିତ୍କାର କରିବାକୁ ଲାଗନ୍ତି । ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେମାନଙ୍କ ଧାରଣା ଅନୁଯାୟୀ ଏବଂ ସଂପୂର୍ଣ୍ଣ ସର୍ତ୍ତକୁ ପୂରଣ କରିନେଇ ନାହିଁ ସେପର୍ଯ୍ୟନ୍ତ ସେମାନେ ସେପରି ବ୍ୟକ୍ତିକୁ କଦାପି ଦେଖି ପାରିବେ ନାହିଁ । କିନ୍ତୁ ଆଁହଜରତ୍ ସ.ଅ ଆମମାନଙ୍କ ନିମନ୍ତେ ସର୍ବୋଚ୍ଚ ଆଦର୍ଶ ଅଟନ୍ତି । ଆପଣ ସ.ଅଙ୍କ ଏହି ପନ୍ଥା ଥିଲା ଯେ, ଆପଣ ସ.ଅ ଘଟଣାବଳୀକୁ ଦେଖୁଥିଲେ । ଆପଣ ସ.ଅ ଆଡ଼ମ୍ବରତାକୁ ଆଦୌ ପସନ୍ଦ କରୁ ନଥିଲେ କି ଦେଖୁ ନଥିଲେ । ଆଜି ମଧ୍ୟ ସମାନ ଅବସ୍ଥା ରହିଛି । ହୁଜୁର ଅନ୍ୱର୍ ଅ.ବ କହିଲେ, ଆମର ଜଣେ ଅହମଦି ବ୍ୟକ୍ତି ମୋତେ ପତ୍ର ଲେଖିଲେ ଯେ, କେହି ଜଣେ ବ୍ୟକ୍ତି ତାଙ୍କୁ କହିଲା କି ମହୋଦୟ ଆପଣ ତ' ଏହି ବାଣୀ ପାଠ କରୁଛନ୍ତି କିମ୍ବା ଆପଣ ଅମକ କଥା କହିଛନ୍ତି ତେବେ ସେହି ମହୋଦୟ ଉକ୍ତ ପ୍ରଶ୍ନ କରୁଥିବା ବ୍ୟକ୍ତିକୁ କହିଲେ, ଦେଖ ! ତୁମେ ତ' ନମାଜ ମଧ୍ୟ ପାଠ କରୁ ନାହଁ, ତୁମକୁ ନମାଜ୍ ପାଠ ମଧ୍ୟ ଆସୁ ନାହିଁ, ନା ହିଁ ତୁମେ କୁରଆନ୍ ପାଠ କରିଛ, ତୁମକୁ କ'ଣ ବା ଜଣା ? ତୁମର ଏଥିରୁ କ'ଣ ଯାଏ ଆସେ, ତୁମେ କାହିଁକି ଏଥି ସଂକ୍ରାନ୍ତରେ ହସ୍ତକ୍ଷେପ କରୁଛ ? ପ୍ରତ୍ୟୁତ୍ତରରେ ସେହି ବ୍ୟକ୍ତି କହିଲା, ଆଜ୍ଞା ! ଦେଖନ୍ତୁ (ଅଣ ଅହମଦି ବ୍ୟକ୍ତି ଜଣକ କହିଲା,) ମୋତେ ବାଣୀ, ନମାଜ୍ ଓ କୁରଆନ୍ ଆସୁ ନବା ନଆସୁ, କିନ୍ତୁ ତୁମେ ଯେହେତୁ ଅହମଦି ମିର୍ଜାଇ ଅଟ, କାଦିୟାନୀ ଅଟ, ସେଇଥି ପାଇଁ ତୁମ ନମାଜ ପାଠ କରିବ ନାହିଁ ଓ ନା ହିଁ ତୁମକୁ ନମାଜ୍ ପାଠ ଆସିବା ଉଚିତ୍ । ହୁଜୁର ଅନ୍ୱର୍ ଅ.ବ କହିଲେ, ଏ ହେଉଛି ଆଜି କାଲିକା ଲୋକମାନଙ୍କର ଅବସ୍ଥା । କିନ୍ତୁ ଆମର ବିରୋଧୀମାନଙ୍କର କୃତ୍ୟ ଏପରି ନାହିଁ । ସେ ଯାହା ହେଉ ଅଲ୍ଲାଃତାଲାଙ୍କ ଉପାସନା କରିବାକୁ ହେଲେ ପବିତ୍ରତା ଏବଂ ନିର୍ମଳତା ସର୍ତ୍ତ ରହିଛି। ଉକ୍ତ କଥା ପବିତ୍ର କୁରଆନ୍ କରୀମ୍ ଏବଂ ଆହଦିସ୍‌ରୁ ପ୍ରମାଣିତ ଅଟେ। ଅତଏବ୍ ଯେଉଁ ଜୋତା ପବିତ୍ର ଥିବ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଯେଉଁଠି ଅପବିତ୍ରତା ଲାଗିଯିବାର ସମ୍ଭାବନା ରହିଛି, ସେଠାରେ ଯଦି ଜୋତା ପିନ୍ଧି ନଯାଇଥିବ ତେବେ ସେପରିପ୍ରେକ୍ଷୀରେ ଆବଶ୍ୟକ ସମୟରେ ସେହି ଜୋତା ପିନ୍ଧା ନମାଜ୍ ପାଠ କରିବାରେ କୌଣସି ସମ୍ୟାସା ଓ ଅସୁବିଧା ନାହିଁ । ଆପଣ ସ.ଅ ଏପରି କରି ଅର୍ଥାତ୍ ଜୋତା ପିନ୍ଧି ନମାଜ ପାଠ କରି ମୁସଲମାନମାନଙ୍କ ଉପରେ ଏକ ମହୋପକାର କଲେ ଯେ, ସେମାନଙ୍କୁ ଭବିଷ୍ୟତରେ ଆଡ଼ମ୍ବରତା ଏବଂ କୃତ୍ରିମତା ଠାରୁ ରକ୍ଷା ଏବଂ ଉଦ୍ଧାର କରିନେଲେ । ଏହି ସର୍ବୋଚ୍ଚ ଆଦର୍ଶ ଦ୍ୱାରା ସେହି ଲୋକମାନଙ୍କୁ ଲାଭ ଉଠାଇବା ଉଚିତ୍ ଯେଉଁମାନେ ଆଜିକାଲି ଏହି କଥା ଉପରେ କଳହ କରୁଛନ୍ତି ଏବଂ ଆଡ଼ମ୍ବରତା ପାଇଁ ସେମାନେ ପାଗଳପ୍ରାୟ ଅଟନ୍ତି । ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, ଯେଉଁ କୃତ୍ୟ କରିବା ଦ୍ୱାରା ଈଶ୍ୱରଙ୍କ ମର୍ଯ୍ୟାଦା ଏବଂ ଧର୍ମପରାୟଣତାରେ ତାରତମ୍ୟତା (କୌଣକି ପାର୍ଥକ୍ୟ ସୃଷ୍ଟି ହୁଏ ନାହିଁ) ତାହାକୁ ସମ୍ପାଦନ କରିବାରେ ମନୁଷ୍ୟର ମର୍ଯ୍ୟାଦାରେ କୌଣସି ତାରତମ୍ୟତା ସୃଷ୍ଟି ହେବ ନାହିଁ। **(ଆଁହଜରତ୍ ସ.ଅ କି ସାଦା ଜିନ୍ଦିଗୀ, ଅନ୍‌ୱରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-12, ପୃ-517-519)**

ପୁନଶ୍ଚ ନମାଜ୍ ପାଠ କରିବା ମଧ୍ୟ ଏକ ଜରୁରୀ ପ୍ରସଙ୍ଗ ଅଟେ । ଉକ୍ତ ପ୍ରସଙ୍ଗରେ ସ୍ୱୟଂ ନମାଜ୍ ପାଠ କରିବା, ଅନ୍ୟମାନଙ୍କୁ ନମାଜ ପାଠ କରାଇବା, ନିଷ୍ଠା ଓ ଉତ୍ସାହର ସହିତ ନମାଜ ପାଠ କରିବା, ୱଜୁ କରି ନମାଜ ପାଠ କରିବା, ରହି ରହି ବାଜମାଅତ୍ (ସାମୂହିକ) ଏବଂ ପୂର୍ଣ୍ଣ ସର୍ତ୍ତାବଳୀର ସହିତ ନମାଜ ପାଠ କରିବା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ନମାଜ୍ ଈଶ୍ୱର ଏବଂ ଭକ୍ତ ମଧ୍ୟରେ ସାକ୍ଷାତ୍‌ର ଏକ ମାଧ୍ୟମ ଅଟେ । ଅର୍ଥାତ୍ ନମାଜ୍ ମାଧ୍ୟମରେ ଐଶ୍ୱରିକତାର ସେହି ରଙ୍ଗ ଯାହା ନବୀ (ଅବତାର)ଙ୍କ ସକାଶେ ଅଲ୍ଲାଃତାଲା ସୃଷ୍ଟି କରିବାକୁ ଚାହାନ୍ତି ତାହା ବିଶ୍ୱାସକାରୀମାନଙ୍କ ଉପରେ ବିସ୍ତାରିତ ହୋଇଥାଏ ଏବଂ ସେମାନେ ଅଲ୍ଲାଃତାଲାଙ୍କ ରଙ୍ଗରେ ରଙ୍ଗୀନ ହୋଇଯାଆନ୍ତି । ରସୁଲ୍ କରୀମ୍ ସ.ଅ ବାଜମାଅତ୍ ନମାଜ୍ ପାଠ କରିବାର ଏପରି ବ୍ୟବସ୍ଥା କରୁଥିଲେ ଯେ, ଏକଦା ଆପଣ ସ.ଅଙ୍କ ପାଖକୁ ଜଣେ ଅନ୍ଧ ବ୍ୟକ୍ତି ଆସିଲା ଏବଂ ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ଘର ମସ୍‌ଜିଦ୍ ଠାରୁ ବହୁ ଦୂରରେ ଅବସ୍ଥିତ ଏବଂ ମୋତେ ମସ୍‌ଜିଦ୍ ପହଞ୍ଚିବାରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି ତେଣୁ ଆପଣ ସ.ଅ ଯଦି ମୋତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ନିଜ ଘରେ ରହି ବର୍ଷା ଦିନରେ ନମାଜ୍ ପାଠ କରିନେବି । ମଦିନାରେ କଚ୍ଚା (ମାଟି) ଘର ରହିଥିଲା । ବର୍ଷା ଯୋଗୁଁ ଗଳିରେ ପାଣି ଆସି ଯାଉଥିଲା ଏବଂ ଘରର କାନ୍ଥ ସହିତ ସଂଲଗ୍ନ ହୋଇ ଚାଲିବାକୁ ପଡ଼ୁଥିଲା । କିନ୍ତୁ ସେଠାରେ କାନ୍ଥକୁ ବର୍ଷା ଜଳରୁ ରକ୍ଷା କରିବା ନିମନ୍ତେ ଏକ ପ୍ରଥା ରହିଥିଲା । ତାହା ଏହିକି ଯେ, ଲୋକେ କାନ୍ଥ ସହିତ ପଥର ବ୍ୟବହାର କରୁଥିଲେ ଏବଂ କାନ୍ଥରେ ପଥର ଖଞ୍ଜି ଦେଉଥିଲେ। ବର୍ଷାଜଳ ପଥର ସହିତ ବାଡ଼େଇ ହୋଇ ସେହି କଚ୍ଚା କାନ୍ଥକୁ କ୍ଷତି ପହଞ୍ଚାଇ ପାରୁ ନଥିଲା । ଅନ୍ଧ ସାହାବି ଜଣକ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୁଁ ବର୍ଷଜଳ ଯୋଗୁଁ ମଝି ରାସ୍ତାରେ ଚାଲିପାରୁ ନାହିଁ । ରାସ୍ତା କଡ଼େ କଡ଼େ ମୁଁ ଯଦି ଚାଲେ ତେବେ ମୋତେ କିଛି ଦେଖାଯାଉ ନାହିଁ ଏବଂ ସେହି ରାସ୍ତା କଡ଼େ ମୋ ଗୋଡ଼ରେ ପଥର ଚୁଭିଥାଏ । ଯଦ୍ଦ୍ୱାରାକୁ ମୋ ପାଦ କ୍ଷତାକ୍ତ ହେବାର ସମ୍ଭାବନା ରହିଥାଏ । ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ମୁଁ ନିଜ ଘରେ ନମାଜ୍ ପାଠ କରି ପାରିବି କି ? ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, ହଉ ଠିକ୍ ଅଛି ତୁମେ ଘରେ ନମାଜ୍ ପାଠ କରିନିଅ । ତୁମକୁ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି: اَلَيۡسَ اللّٰهُ بِكَافٍ عَبۡدَهٗ**

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଯଦି ସମସ୍ୟା ହେଉଛି ବା ତୁମର ଯଦି କୌଣସି ଅସୁବିଧା ହେଉଛି ତାହାହେଲେ କିଛି ଅସୁବିଧା ନାହିଁ, ତୁମେ ଘରେ ରହି ନମାଜ୍ ପାଠ କରିନିଅ । ଯେତେବେଳେ ସେହି ଅନ୍ଧ ସାହାବି ଜଣକ ସେଠାରୁ ଚାଲିଗଲେ ତେବେ କିଛି ସମୟ ପରେ ଆପଣ ସ.ଅ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ସେହି ଅନ୍ଧ ସାହାବିଙ୍କୁ ଟିକେ ଡାକ । ଅତଏବ୍ ଯେତେବେଳେ ସେହି ସାହାବି ଜଣକ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ ସେହି ସାହାବିଙ୍କୁ କହିଲେ, ଶ୍ରୀମାନ୍ ! କ'ଣ ଆପଣଙ୍କୁ ଅଜାନ୍‌ର ସ୍ୱର ଶୁଭୁଛି କି ? ସେହି ସାହାବି କହିଲେ, ହଁ ଶୁଭୁଛି । ଆପଣ ସ.ଅ କହିଲେ, ଯଦି ଅଜାନ୍ ସ୍ୱର ତୁମକୁ ଶୁଭୁଛି ଏବଂ ତୁମ ଘର ପର୍ଯ୍ୟନ୍ତ ଅଜାନ୍‌ର ସ୍ୱର ପହଞ୍ଚି ଯାଇଥାଏ ତେବେ ମସ୍‌ଜିଦ୍‌କୁ ଆସିବା ସମୟରେ ତୁମେ ଯଦି ବାଟରେ ଝୁଣ୍ଟିପଡ଼ ଅବା ତୁମେ କ୍ଷତାକ୍ତ ହୋଇଯାଅ ତେବେ ମଧ୍ୟ ତୁମ ପକ୍ଷେ ମସ୍‌ଜିଦ୍ ଆସିବା ଅବଶ୍ୟକ ଅଟେ ।

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-10, ପୃ-23-25, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କ ପ୍ରେମର ବୃକ୍ଷ ତହିଁରେ ସୃଷ୍ଟି ହୋଇ ବୃଦ୍ଧି ପାଇବ ଏବଂ ସେହି ସୁମିଷ୍ଟ (ମିଠା) ଫଳ ଏବଂ ପବିତ୍ର ଫଳ ତହିଁରେ ଲାଗିବ ଯାହା اُكُلُهَا دَآئِمٌ **(ଅର୍ ରାଅଦ୍: 36)**ର ପୁଷ୍ଟି କର୍ତ୍ତା ( ଚରିତାର୍ଥ) ହେବେ । ମନେରଖ ! ଏ ହେଉଛି ସେହି ମର୍ଯ୍ୟାଦା ଯେଉଁଠି ସାଧୁ ସନ୍ଥମାନଙ୍କ ବ୍ୟବହାରର ପରିସମାପ୍ତି ଅଟେ । ଯେତେବେଳେ ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତକାରୀ ବ୍ୟକ୍ତି ଏଠାରେ ପହଞ୍ଚିଥାଏ ସେତେବେଳେ ସେ ଈଶ୍ୱରଙ୍କ ଚମତ୍କାରକୁ ଅବଲୋକନ କରିଥାଏ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଉପାସନାର ଅବସ୍ଥାକୁ ସଠିକ୍ ତଥା ମାର୍ଜିତ କରିବାର ମୂଳାଭିପ୍ରାୟ ଉପାସନା ହିଁ ଅଟେ । ଏହା ଏପରି ଅବସ୍ଥା ଯେଉଁଠି ଅଲ୍ଲାଃତାଲା ମନେ ରୁହନ୍ତି, ତାହାଙ୍କ ଉପାସନା କରି ସେ ହିଁ ସମ୍ମୁଖରେ ରୁହନ୍ତି ତେବେ ତାହା ପ୍ରକୃତ ଉପାସନା ଅଟେ । ଆପଣ ଅ.ସ କହିଲେ, اِنَّنِیْ لَكُمْ مِّنْهُ نَذِيْرٌ وَّبَشِيْرٌ **(ହୁଦ୍:3)** ଅର୍ଥାତ୍ ନିଃସନ୍ଦେହରେ ତୁମମାନଙ୍କ ନିକଟକୁ ସତର୍କକାରୀ ଓ ସୁସମାଚାରଦାତା ଭାବରେ ଆସିଅଛୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ଉପାସନା ଏବଂ ପୂର୍ଣ୍ଣ ଉପାସନା ଯାହା ନୈଷ୍ଠିକ ରୂପେ ଅଲ୍ଲାଃତାଲାଙ୍କ ଉପାସନା କରିବାର କାର୍ଯ୍ୟ ଅଟେ ଏହା ଅତ୍ୟନ୍ତ ମହାନ୍ କାର୍ଯ୍ୟ ଅଟେ । ମନୁଷ୍ୟ କୌଣସି ସର୍ବୋଚ୍ଚ ଆଦର୍ଶ ଏବଂ ପୂର୍ଣ୍ଣ ଉଦାହଣ ବ୍ୟତୀତ ଉକ୍ତ ମର୍ଯ୍ୟାଦାକୁ କଦାପି ପ୍ରାପ୍ତ କରି ପାରିବ ନାହିଁ। ସେହିପରି ମହାପବିତ୍ର ଐଶୀ ଶକ୍ତିଙ୍କ ପୂର୍ଣ୍ଣ ପ୍ରଭାବ ବ୍ୟତୀତ ବ୍ୟକ୍ତି ଏପରି କାର୍ଯ୍ୟ କଦାପି ସାଧନ କିରପାରିବ ନାହିଁ । ସେଇଁଥି ପାଇଁ ରସୁଲ୍ କରୀମ୍ ସ.ଅ କୁହନ୍ତି ଯେ, ମୁଁ ସେହି ଈଶ୍ୱରଙ୍କ ତରଫରୁ ଭୟ ପ୍ରଦର୍ଶନକାରୀ ଏବଂ ଶୁଭ ସୂଚନା ପ୍ରଦାନକାରୀ ବାର୍ତ୍ତାବହ ହୋଇ ଆସିଛି । ତେଣୁ ତୁମେମାନେ ଯଦି ମୋର ଆଜ୍ଞା ପାଳନ କରିବ, ମୋତେ ସ୍ୱୀକାର କରିବ ତେବେ ତୁମମାନଙ୍କ ପକ୍ଷେ ବୃହତ୍ ଶୁଭ ସୂଚନା ରହିଛି । କାରଣ ମୁଁ ବଶୀର୍ (ଶୁଭ ସୂଚନା ପ୍ରଦାନକାରୀ) ଅଟେ । ଯଦି ତୁମେମାନେ ମୋତେ ପ୍ରତ୍ୟାଖ୍ୟାନ କର, ତେବେ ମନେରଖ ! ମୁଁ ଭୟ ପ୍ରଦର୍ଶନକାରୀ ବାର୍ତ୍ତାବହ ରୂପେ ଆସିଅଛି ଓ ମୋର ଆଜ୍ଞା ପାଳନ ନକରିବା ଫଳରେ ତୁମମାନଙ୍କୁ ଘୋର ଶାସ୍ତି ସହ୍ୟ କରିବାକୁ ପଡ଼ିବ ଓ ଦୁଃଖ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼ିବ ।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-472-473, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ସେହି କଥା ଯେଉଁ କଥା ଉପରେ ଆମମାନଙ୍କୁ ଧ୍ୟାନ ଦେବା ଉଚିତ୍ ଓ ଚିନ୍ତା କରିବା ଉଚିତ୍ । ଆମେମାନେ ଆପଣ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହୋଇ ଆପଣ ସ.ଅଙ୍କୁ ସ୍ୱୀକାର କରିଛୁ ଓ ଆପଣ ସ.ଅଙ୍କୁ ଶୁଭ ସୂଚନା ପ୍ରଦାନକାରୀ ଅବତାର ରୂପେ ସ୍ୱୀକାର କରିଛୁ । ସେହିସବୁ ଶୁଭ ସୂଚନା ଆମେମାନେ ସେତେବେଳେ ପ୍ରାପ୍ତ କରି ପାରିବୁ ଯେତେବେଳେ ଆମେମାନେ ନିଜ ଉପସାନର କର୍ତ୍ତବ୍ୟ ନିର୍ବାହକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ ଓ ଆପଣ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହେବା ନିମନ୍ତେ ସେହି ସ୍ତରକୁ ମଧ୍ୟ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କିରଥିବୁ । ଏକଥା ମନେରଖ ଯେ, ଉଦ୍ୟମ ନିମନ୍ତେ ବଳିଦାନ ଦେବାକୁ ପଡ଼ିଥା ଓ ଜିହାଦ୍ (ଉଦ୍ୟମ) କରିବାକୁ ପଡ଼ିଥାଏ । କେତେକ ଲୋକମାନେ ଏକଥା କହି ଦିଅନ୍ତି ଯେ, ଆମେମାନେ ପାଞ୍ଚବେଳା ନମାଜ ପାଠ କରିବା ନିମନ୍ତେ ଉଦ୍ୟମ କିରଥାଉ । ସେମାନଙ୍କୁ ଯେତେବେଳେ ପଚରାଯାଏ ସେତେବେଳେ ସେମାନେ ଏହାକୁ ଆତ୍ମାର ପ୍ରତାରଣା ବୋଲି କୁହନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯଦି ଉଦ୍ୟମ ପ୍ରକୃତ ହୁଏ ତେବେ ଚିନ୍ତା କରିବାକୁ ପଡ଼ିଥାଏ । ତେଣୁ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର ସମୀକ୍ଷା କରିବାର ଆବଶ୍ୟକତା ରହିଛି ଯେ, ଆମମାନଙ୍କର ଏହି ଉଦ୍ୟମ ପ୍ରକୃତ ଉଦ୍ୟମ ଅଟେ ଅବା ନୁହେଁ ?

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ: "ଆଁହଜରତ୍ ସ.ଅଙ୍କ ଉପାସନା କିପରିକା ଥିଲା ? ଆପଣ ସ.ଅ ଗାରେ ହିରା ଠାରେ ଯେଉଁଠି ବଣ୍ୟପ୍ରାଣୀମାନେ, ସର୍ପ (ସାପ) ଏବଂ ଚିତାବାଘ ଇତ୍ୟାଦି ହିଂସ୍ର ଜୀବମାନଙ୍କର ବିପଦ ରହିଥିଲା, ସେଠାକୁ ଆପଣ ସ.ଅ ଚାଲି ଯାଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହାର ଚର୍ଚ୍ଚା ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ଆପଣ ସ.ଅ ସେଠାରେ ଦୁଆ ମାଗୁଥିଲେ । ଉକ୍ତ କଥାକୁ ବର୍ଣ୍ଣନା କରି ଆପଣ ଅ.ସ କହିଲେ, ଏହି ନିୟମ ରହିଛି ଯେ, ଯେତେବେଳେ ଗୋଟିଏ ପକ୍ଷରୁ କଥାଟା ଆଗକୁ ବଢିଯାଏ ସେତେବେଳେ ଅନ୍ୟ ପାର୍ଶ୍ୱରୁ ମନରୁ ଭୟ ଦୂରୀଭୂତ (ଦୂର) ହୋଇଯାଇଥାଏ । ଯେତେବେଳେ ଅଲ୍ଲାଃତାଲାଙ୍କ ପ୍ରେମର ଆକର୍ଷଣ ହୃଦୟରେ ବୃଦ୍ଧି ପାଏ ଏବଂ ତାହାଙ୍କ ଉପାସନା କରିବା ପ୍ରତି ଧ୍ୟାନ ସୃଷ୍ଟି ହୁଏ ସେତେବେଳେ ସଂସାର ଓ ସାଂସାରିକ ବସ୍ତୁର ଭୟ ମଧ୍ୟ ମନରେ ଦୁରେଇ ଯାଇଥାଏ । ଆପଣ ଅ.ସ ଉଦାହରଣ ଦେଇଛନ୍ତି ଯେ, କେତେକ ମହିଳାମାନେ ଯେଉଁମାନଙ୍କର ସ୍ୱଭାବ ଅତ୍ୟନ୍ତ ଡରକୁଳିଆ ଥାଏ, ସେହି ମହିଳାମାନଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳେ ଯେ, ସେମାନେ ନିଜ ସନ୍ତାନର ଅସୁସ୍ଥତା ସମୟରେ ଅନ୍ଧାର ରାତିରେ ଆବଶ୍ୟକ ସ୍ଥଳେ ଏପରି ସ୍ଥାନକୁ ଯାଆନ୍ତି ଯେଉଁଠି ଦିନବେଳା ବାହାରିବା ସେମାନଙ୍କ ପକ୍ଷେ କଷ୍ଟସାଧ୍ୟ ଅଟେ । ଅତଏବ୍ ଯେତେବେଳେ ଈଶ୍ୱର ଭୟ ଏବଂ ଈଶ୍ୱରଙ୍କ ପ୍ରେମ ସଂପ୍ରସାରିତ ହୋଇଥାଏ ସେତେବେଳେ ଅନ୍ୟ ସମସ୍ତ ଭୟ ଏବଂ ପ୍ରେମ ଦୂର ହୋଇଯାଇଥାଏ । ଏପରି ଦୁଆ ସକାଶେ ଏକାନ୍ତବାସ, ପୃଥକତା ମଧ୍ୟ ଜରୁରୀ ଅଟେ । ଏହି ପୂର୍ଣ୍ଣ ସଂପର୍କ ସହିତ ଅଲୋକ ପ୍ରକାଶିତ ହୋଇଥାଏ ଏବଂ ପ୍ରତ୍ୟେକ ସଂପର୍କ ଏକ ପରଦାକୁ ଆଶା କରିଥାଏ । ଅର୍ଥାତ୍ ଗୁପ୍ତ ସଂପର୍କ ହେବା ଦ୍ୱାରା ହିଁ ତାହା ପ୍ରକାଶିତ ହେବ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-7, ପୃ-186, ସଂସ୍କରଣ ବର୍ଷ-2022 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଉପାସନା କେବଳ ଈଶ୍ୱରଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ୍ । ଲୋକ ଦେଖାଣିଆ ନିମନ୍ତେ ହେବା ଉଚିତ୍ ନୁହଁ । ଆଜ୍ଞା ପାଳନ, ଉପାସନା ଏବଂ ସେବାକୁ ଯଦି ଧୈର୍ଯ୍ୟତାର ସହିତ ଅବଲମ୍ବନ କରାଯାଏ ତେବେ ଈଶ୍ୱର କେବେ ବି ସେମାନଙ୍କୁ ନଷ୍ଟ କରିବେ ନାହିଁ । ଇସ୍‌ଲାମ୍ ଧର୍ମରେ ଏପରି ସହସ୍ର ସହସ୍ର ବ୍ୟକ୍ତି ଅତିକ୍ରାନ୍ତ ହୋଇଛନ୍ତି ଯେଉଁମାନେ କେବଳ ସେହି ସାଧୁ ସନ୍ଥ, ମହାପରୁଷ, ଅବତାର ଓ ବାର୍ତ୍ତାବହମାନଙ୍କୁ କେବଳ ସେମାନଙ୍କର ଆଲୋକ ଦ୍ୱାରା ଚିହ୍ନି ନେଇଥିଲେ । ପ୍ରବଞ୍ଚକ, ଆଡ଼ମ୍ବର, ଧୂର୍ତ୍ତ ଓ ପଳାତକମାନଙ୍କର ବସ୍ତ୍ର କିମ୍ବା ଲମ୍ବା ଲମ୍ବା ଚୁଗା (ଏକ ପ୍ରକାରର ଲମ୍ବା ବସ୍ତ୍ର) ଏବଂ ବିଶେଷ ପ୍ରକାରର ଅନନ୍ୟ ବସ୍ତ୍ରର ସେହି ପବିତ୍ର ବ୍ୟକ୍ତିମାନଙ୍କୁ ଆବଶ୍ୟକତା ପଡ଼ିଲା ନାହିଁ ଓ ନା ହିଁ ଈଶ୍ୱରଙ୍କ ସତ୍ୟବାଦୀ ଲୋକମାନେ ଏପରି କୌଣସି ୟୁନିଫର୍ମ (ବିଶେଷ ବସ୍ତ୍ର) ପରିଧାନ କରି ନାହାନ୍ତି । କିନ୍ତୁ ଯେଉଁ ଲୋକମାନେ ଲୋକ ଦେଖାଣିଆ ଅଟନ୍ତି ସେମାନେ ଲମ୍ବା ଲମ୍ବା ବସ୍ତ୍ର ପରିଧାନ କରିଥାଆନ୍ତି ଏବଂ ଲୋକମାନେ ସେମାନଙ୍କୁ ମହାନ୍ ଫକିର୍ ବୋଲି ସମ୍ବୋଧନ କରି ଥାଆନ୍ତି ଏବଂ କୁହନ୍ତି ଯେ, ଅମକ ବ୍ୟକ୍ତି ଅଲୌକିକ ସାଧୁ ଏବଂ ଅତ୍ୟନ୍ତ ପୁଣ୍ୟବାନ୍ ବ୍ୟକ୍ତି ବା ସାଧୁ ଅଟନ୍ତି । ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅଙ୍କର ଏପରି କୌଣସି ବିଶେଷ ବସ୍ତ୍ର ନଥିଲା ଯହିଁରୁ ଆପଣ ସ.ଅ ଲୋକମାନଙ୍କ ମଧ୍ୟରେ ଅନନ୍ୟ ଦୃଶ୍ୟମମାନେ ହୋଇପାରି ଥାଆନ୍ତେ। ନା । ବରଂ ଏକଦା ଜଣେ ବ୍ୟକ୍ତି ହଵ. ଅବୁ ବକ୍କର ର.ଅଙ୍କୁ ଅବତାର ମନେକରି ତାଙ୍କ ସହିତ ହାତ ମିଳାଇଲା ଏବଂ ଆପଣ ର.ଅଙ୍କ ପ୍ରତି ସମ୍ମାନ ପ୍ରଦର୍ଶ କରିବାକୁ ଲାଗିଲା । ପରିଶେଷରେ ହ. ଅବୁ ବକ୍କର ର.ଅ ଛିଡ଼ା ହୋଇ ଆଁହଜରତ୍ ସ.ଅଙ୍କୁ ବିଞ୍ଚଣା ବିଞ୍ଚିବାକୁ ଲାଗିଲେ । ଆପଣ ର.ଅ ନିଜର କଥନ ନୁହେଁ ବରଂ କରଣ (କୃତ୍ୟ) ଦ୍ୱାରା ଏହା ଦେଖାଇ ଦେଲେ ଯେ, ଏ ହେଉଛନ୍ତି ଆଁହଜରତ୍ ସ.ଅ । ମୁଁ ମାତ୍ର ଜଣେ ସେବକ ଅଟେ । ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ଭକ୍ତି କରେ ସେତେବେଳେ ତାକୁ ରଙ୍ଗୀନ୍ ବସ୍ତ୍ର ପିନ୍ଧିବା, ବିଶେଷ ପ୍ରକାରର ବେଶଭୂଷା ଓ ପରିପାଟି କରିବା, ବେକରେ ମାଳ ଇତ୍ୟାଦି ଓହଳାଇ ଚାଲିବାର କ'ଣ ବା ଆବଶ୍ୟକତା ରହିଛି ? ଅନେକ ସାଧୁ ସନ୍ଥମାନେ ଏପରି ଅଛନ୍ତି ଯେଉଁମାନେ ବେକରେ ଲମ୍ବା ଲମ୍ବା ହାର ଓହଳାଇ ଦିଅନ୍ତି, ହାତରେ ଲମ୍ବା ଜପମାଳି ଧରି ଥାଆନ୍ତି । ଏମାନେ ସାଂସାରିକ କୁକୁର ଅଟନ୍ତି । ଏମାନେ ଈଶ୍ୱରପ୍ରିୟ ନୁହନ୍ତି ବରଂ ଏମାନେ ତ' ସାଂସାରିକ ଓ ସଂସାକ ପ୍ରିୟ ଅଟନ୍ତି । ଈଶ୍ୱରାଭିଳାଷୀମାନଙ୍କୁ ଏତେ ଚେତା (ହେଜ ଓ ସମୟ କାହିଁ) କେଉଁଠି ବା ସେମାନେ ବିଶେଷ ପ୍ରକାରର ବସ୍ତ୍ର ଏବଂ ୟୁନିଫର୍ମ ପରିଧାନ କରିବେ ? ସେମାନେ ତ' ଲୋକମାନଙ୍କ ଦୃଷ୍ଟି ଠାରୁ ଗୋପନ ରହିବାକୁ ଚାହାନ୍ତି । ବେଳେବେଳେ ଈଶ୍ୱର ନିଜର ବିଧାନ (ସକାରାତ୍ମକ) ଦୃଷ୍ଟିରୁ ସେମାନଙ୍କୁ ବାହାରକୁ ଟାଣି ଆଣନ୍ତି । କାରଣ ଈଶ୍ୱର ନିଜ ଅସ୍ତିତ୍ୱରେ ପରିଚୟ ପ୍ରଦାନ କରିବେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଁହଜରତ୍ ସ.ଅ କେବେ ଆଶା ଓ ଆକାଂକ୍ଷା କରୁ ନଥିଲେ ଯେ, ଲୋକମାନେ ଆପଣ ସ.ଅଙ୍କୁ ବାର୍ତ୍ତାବହ ବୋଲି ସମ୍ବୋଧନ କରନ୍ତୁ ଏବଂ ଆପଣ ସ.ଅଙ୍କ ଆଜ୍ଞା ପାଳନ କରନ୍ତୁ । ସେଇଥି ପାଇଁ ଆପଣ ସ.ଅ ଏକ ଗୁମ୍ଫା ଯାହାକି କବର ଠାରୁ ଅଧିକ ସଂକୀର୍ଣ୍ଣ ଥିଲା ତାହା ମଧ୍ୟକୁ ଯାଇ ଉପାସନା କରୁଥିଲେ । ଆପଣ ସ.ଅ କେବେ ବି ଏହା ଚାହୁଁ ନଥିଲେ ଯେ, ଆପଣ ସ.ଅ ସେହି ଗୁମ୍ଫା ମଧ୍ୟରୁ ବାହାରକୁ ଆସନ୍ତୁ । ପରିଶେଷରେ ଈଶ୍ୱରଙ୍କ ବିଧାନ ଅନୁଯାୟୀ ଆପଣ ସ.ଅଙ୍କୁ ସ୍ୱୟଂ ବାହାରକୁ ଆସିବାକୁ ପଡ଼ିଲା ଏବଂ ଆପଣ ସ.ଅଙ୍କ ମାଧ୍ୟମରେ ଅଲ୍ଲାଃତାଲା ସଂସାରରେ ନିଜର ଆଲୋକକୁ ପରିପ୍ରକାଶିତ କଲେ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-125-126, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ସେହି ଆଲୋକରୁ ଉପକୃତ ହେବା ନିମନ୍ତେ, ତାହାଙ୍କ ଉପାସନା ସମ୍ପାଦନ କରିବା ନିମନ୍ତେ ଓ ଆପଣ ସ.ଅଙ୍କ ଆଦର୍ଶକୁ ଅବଲମ୍ବନ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଅଲ୍ଲାଃତାଲା ଆମମାନଙ୍କୁ ଆପଣ ସ.ଅଙ୍କ ଆଦର୍ଶ ଉପରେ ପ୍ରକୃତ ରୂପେ ପରିଚାଳିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 27 ଫେବୃୟାରୀ 2026 ମସିହା, ପୃ-2-8)**

☆☆☆

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

ଅବା ନିଜେ ରାନ୍ଧି ସେମାନଙ୍କୁ ନିମନ୍ତ୍ରିତ କରି ସେମାନଙ୍କର ଭୋକ ଉପାସକୁ ଦୂର କରିଥାଆନ୍ତା । ଏଠାରେ يُخُضُّ عَلىٰ طَعَامِ ର ଶବ୍ଦ ଏହି ରହସ୍ୟ ଅନୁଯାୟୀ ବ୍ୟବହୃତ ହୋଇଛି ଯେ, ପୂର୍ବେ ଏହି ଚର୍ଚ୍ଚା ହୋଇଥିଲା ଯେ, ସେ ଲୋକ ଦେଖାଣିଆ, ପ୍ରସିଦ୍ଧି ତଥା ମର୍ଯ୍ୟାଦା ପ୍ରାପ୍ତି ସକାଶେ ନିଜର ଟଙ୍କା ପଇସାକୁ ଖର୍ଚ୍ଚ କରି ଦେଇଥାଏ । ତହିଁରୁ ଏହି ଧାରଣା ସୃଷ୍ଟି ହୋଇପାରି ଥାଆନ୍ତା ଯେ, ସମ୍ଭବତଃ ସେ ଅନାଥ, ଦରିଦ୍ର, ଅଭାବିମାନଙ୍କୁ ମଧ୍ୟ ଆହାର ଖୁଆଇ ଦେଉଥିବ । ଉକ୍ତ ସନ୍ଦେହକୁ ଅଲ୍ଲାଃତାଲା ଦୂର ତଥା ସମାଧାନ (ପ୍ରତିକାର) କରିଛନ୍ତି ଏବଂ ଏହା କହିଛନ୍ତି ଯେ, ସେହି ବ୍ୟକ୍ତି ଟଙ୍କା ପଇସା ତ' ଖର୍ଚ୍ଚ କରିଥିଲା, ନିଜର ଓଟମାନଙ୍କୁ ଜେବହ୍ କରୁଥିଲା । କିନ୍ତୁ ଭୋକ ଉପାସ ସମୟରେ ସେ ଜୀବମାନଙ୍କୁ ଜେବହ୍ କରୁ ନଥିଲା । ଅର୍ଥାତ୍ ଯେତେବେଳେ ଅନାହାର ଲୋକମାନଙ୍କୁ ଖାଦ୍ୟର ଆବଶ୍ୟକତା ପଡୁଥିଲା ସେତେବେଳେ ସେହି ବ୍ୟକ୍ତି (ବଦାନ୍ୟ ବ୍ୟକ୍ତି) ଜୀବକୁ ଜେବହ୍ କରୁ ନଥିଲା । ବରଂ ସେତେବେଳେ ନିଜର ଖ୍ୟାତି ଏବଂ ଯଶ ପ୍ରାପ୍ତିର ଉନ୍ମାଦ ତା' ମୁଣ୍ଡ ଉପରେ ଆରୋହଣ ହୋଇ ଯାଉଥିଲା ସେତେବେଳେ ସେ ଗୋଟିଏ ଗୋଟିଏ ଦିନରେ 100ଟି ଓଟ ଜେବହ୍ କରି ଦେଉଥିଲା। କିନ୍ତୁ ଯଦି ପ୍ରକୃତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେ କାର୍ଯ୍ୟ କରିଥାଆନ୍ତି ତେବେ ବନ୍ଧୁ ତଥା ସାଙ୍ଗ ସାଥିମାନଙ୍କ ନିମନ୍ତେ ଗୋଟିଏ ଓଟ ଜେବହ୍ କରିଥାଆନ୍ତା ଏବଂ 99ଟି ଓଟ ଅଭାବି ଦରିଦ୍ର ଏବଂ ଅନାଥମାନଙ୍କ ରଖିନେଇ ଥାଆନ୍ତା । କାରଣ ସେମାନେ ଅନାହାର, ଭୋକ ଉପାସ ଭଳି ବିପତ୍ତିର ସମ୍ମୁଖୀନ ନହୁଅନ୍ତୁ । ଅତଏବ୍ ଯେହେତୁ ସେ ଜାତୀୟ ଆବଶ୍ୟକତାକୁ ଦୃଷ୍ଟି ସମ୍ମୁଖରେ ରଖିଲା ନାହିଁ ଏବଂ ନିଜର ଧନକୁ ଅଯଥା ସ୍ଥାନରେ ବ୍ୟୟ କରି ନଷ୍ଟ (ଅପଚୟ) କରିଦେଲା । ତେଣୁ ମୋ (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ) ଦୃଷ୍ଟିରେ ସେ କୌଣସି ପ୍ରଶଂସାର ପାତ୍ର ନୁହେଁ । ସେ ଏଥି ନିମନ୍ତେ ଯୋଗ୍ୟ ନୁହେଁ ଯେ, ଲୋକମାନେ ତାକୁ ସମ୍ମାନ ଦୃଷ୍ଟିରେ ଦେଖନ୍ତୁ ।

ଏଠାରେ ଅନାଥମାନଙ୍କ ସହିତ ذَا مَقْرَبَةٍ ଶବ୍ଦଟି ଏଇଥି ପାଇଁ ଅତିରିକ୍ତ କରାଯାଇଛି ଯେ, ସଂପର୍କୀୟ ଅନାଥକୁ ନିଜ ପାଖରେ ରଖିବାକୁ ପଡ଼ିଥାଏ ଏବଂ ତା'ର ଖାଦ୍ୟ ପେୟ କିମ୍ବା ଶିକ୍ଷା ଓ ବସ୍ତ୍ରାଦିର ଖର୍ଚ୍ଚ ମନୁଷ୍ୟକୁ ବହନ କରିବାକୁ ପଡ଼ିଥାଏ । ଉକ୍ତ କଥା (ପ୍ରସଙ୍ଗ)ଟି ଭିନ୍ନ ଯେ, କୌଣସି ବ୍ୟକ୍ତି ସେହି ଖର୍ଚ୍ଚକୁ ବାଧ୍ୟ ବାଧକତାର ସହିତ ବହନ କରୁ ଅବା ଅନିଚ୍ଛାକୃତ ଭାବରେ ସହ୍ୟ କରୁ କିନ୍ତୁ ବଂଶର ଦାୟିତ୍ୱ ଏହି ଆଶା କରେ ଯେ, ମନୁଷ୍ୟ ନିଜର ସଂପର୍କୀୟ ଅନାଥମାନଙ୍କର ଯତ୍ନ ନେଉ । କିନ୍ତୁ ଅଲ୍ଲାଃତାଲା କୁହନ୍ତି ଯେ, ତୁମେମାନେ ତ' ଏପରି ଅନାଥମାନଙ୍କୁ ମଧ୍ୟ ଆହାର ଖୁଆଉ ନାହିଁ ଯିଏ ତୁମର ନିକଟ ସଂପର୍କୀୟ ଅଟନ୍ତି । ଏହା ସେହି କଥାର ପ୍ରମାଣ ଯେ, ତୁମମାନଙ୍କର ଅବସ୍ଥା ଅତ୍ୟନ୍ତ ନିମ୍ନଗାମୀ ହୋଇ ସାରିଛି, ତୁମେମାନେ ଏତେ ତଳକୁ ଖସି ଯାଇଛ ।

ଉକ୍ତ ଆୟତର ଏହି ଅର୍ଥ ନୁହେଁ ଯେ, ନିକଟ ସଂପର୍କୀୟ ଅନାଥମାନଙ୍କୁ ତ' ଆହାର ଖୁଆଇବା ଉଚିତ୍ କିନ୍ତୁ ଅନ୍ୟମାନଙ୍କୁ ଆହାର ଖୁଆଇବା ଉଚିତ୍ ନୁହଁ । ବରଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଅନ୍ୟ କୌଣସି ଅନାଥମାନଙ୍କର ଲାଳନ ପାଳନ ତ' ଛାଡ଼ ତୁମମାନଙ୍କ ଠାରୁ ଉକ୍ତ କଥାର ଆଶା କରାଯାଇ ପାରିବ ନାହିଁ ଯେ, ତୁମେମାନେ ନିଜର ନିକଟ ସଂପର୍କୀୟମାନଙ୍କ ଅବସ୍ଥା ପଚାରି ବୁଝ ଏବଂ ସେମାନଙ୍କର ଆବଶ୍ୟକତା ପୂରଣ ସଂପର୍କରେ ଯତ୍ନବାନ୍ ହୁଅ । ଯେତେବେଳେ ତୁମେମାନେ ଜଣେ ନିକଟ ସଂପର୍କୀୟ ଅନାଥ ତଥା ଦରିଦ୍ରମାନଙ୍କ ପ୍ରତି ଏପରି ବେପରୱା ଅଛ ତେବେ ଦୂରର ସଂପର୍କୀୟମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ତୁମର ଧ୍ୟାନ କିପରି ସୃଷ୍ଟି ହୋଇପାରିବ ।

**(ତଫସିର୍ କବିର୍,, ଗ୍ରନ୍ଥଖଣ୍ଡ-8, ପୃ-624, ପ୍ରକାଶନ ସ୍ଥାନ- କାଦିୟାନ୍)**

☆☆☆

## ପୃ-2 ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ଏପର୍ଯ୍ୟନ୍ତକି ସେହି ପକ୍ଷ (ରାଷ୍ଟ୍ର) ଅଲ୍ଲାଃତାଲାଙ୍କ ଆଦେଶାବଳୀ ଆଡ଼କୁ ପ୍ରତ୍ୟାବର୍ତ୍ତନ କରୁ (ଫେରିଆସୁ) ଏବଂ ସେ ଯେତେବେଳେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଆଡ଼କୁ ଫେରିଆସେ ସେତେବେଳେ ନ୍ୟାୟର ସହିତ ସେହି ଯୁଦ୍ଧକାରୀମାନଙ୍କ ସହିତ ସନ୍ଧି ସ୍ଥାପନ କର ।

ଏହା ହେଉଛି ସେହି ଆଦେଶ ଯାହା ସଂସାରର ଶାନ୍ତି ନିମନ୍ତେ ଏକାନ୍ତ ଜରୁରୀ ଅଟେ ଏବଂ ମୁସଲମାନମାନଙ୍କ ନିମନ୍ତେ ତ' ଏହାର ମହତ୍ତ୍ୱ ଆହୁରି ଅଧିକ ଅଟେ ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ସନ୍ଧି ସ୍ଥାପନ କରାଇବା ସଙ୍ଗେସଙ୍ଗେ ନିଜର ବ୍ୟକ୍ତିଗତ ଲାଭ ଓ ସ୍ୱାର୍ଥକୁ ଦେଖିବା ଉଚିତ୍ ନୁହଁ । ବରଂ ପ୍ରକୃତ ସମସ୍ୟାର ସମାଧାନ କରିବା ଉଚିତ୍ । ପାକିସ୍ତାନ ଓ ଅନ୍ୟାନ୍ୟ କେତେକ ରାଷ୍ଟ୍ରମାନଙ୍କର ଏବଂ ଚୀନ୍ ଇତ୍ୟାଦି ରାଷ୍ଟ୍ର ସନ୍ଧି ସ୍ଥାପନ କରିବା ନମିତ୍ତେ ପ୍ରସ୍ତାବ ଦେଇଛନ୍ତି । ଇରାନ୍ ସମେତ ସମସ୍ତ ଆରବ୍ୟ ଦେଶମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ ।

ଆମମାନଙ୍କର ତ' ଏହି କାର୍ଯ୍ୟ ରହିଛି ଯେ, ଆମେମାନଙ୍କୁ ଅଧିକରୁ ଅଧିକ ଦୁଆ କରିବା ଉଚିତ୍ ଓ ରମଜାନ୍ ମାସରେ କେବଳ ନିଜର ବ୍ୟକ୍ତିଗତ ଆବଶ୍ୟକତା ନିମନ୍ତେ ନୁହେଁ ବରଂ ସମଗ୍ର ଇସଲାମ୍ ଜଗତ ଓ ଧର୍ମାବଲମ୍ବୀମାନଙ୍କ ନିମନ୍ତେ ଶାନ୍ତି ନିମନ୍ତେ ଦୁଆ କରନ୍ତୁ । ☆☆☆

## ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସର୍ବ କନିଷ୍ଠ କନ୍ୟା ସନ୍ତାନ ସ୍ୱର୍ଗତା ସାହିବ-ଜାଦି ଅମତୁଲ୍ ଜମିଲ୍ ସାହେବାଙ୍କ ବିୟୋଗ ଓ ଉତ୍ତମ ଚର୍ଚ୍ଚା

ସୟେଦିନା ହ. ଅକ୍‌ଦସ ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅ.ବ ନିଜର ଚଳିତ ମସାର ଖୁତବା ଜୁମା ତା- 6 ମାର୍ଚ୍ଚ 2026ରିଖ ଦିନ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସର୍ବ କନିଷ୍ଠ କନ୍ୟା ସନ୍ତାନ ସ୍ୱର୍ଗତା ସାହିବଜାଦି ଅମତୁଲ୍ ଜମିଲ୍ ସାହେବାଙ୍କ ବିୟୋଗ ସଂପର୍କରେ ସୂଚନା ପ୍ରଦାନ କରି ସ୍ୱର୍ଗତାଙ୍କର ଉତ୍ତମ ଚର୍ଚ୍ଚା କଲେ । ତେଣୁ ସେହି ଉତ୍ତମ ଚର୍ଚ୍ଚାର ସାରାଂଶ ନିମ୍ନରେ ପାଠ କରି ନିଅନ୍ତୁ :

ଶ୍ରୀମତି ସମ୍ମାନନୀୟା ସାହାବଜାଦି ଅମତୁଲ୍ ଜମିଲ୍ ସାହେବା ହ. ମୁସ୍‌ଲେହ୍ ମଉଦ୍ ର.ଅ.ଙ୍କ ସର୍ବ କନିଷ୍ଠ (ଛୋଟ ବା ସାନ) କନ୍ୟା ସନ୍ତାନ ଥିଲେ ଏବଂ ନାସିର୍ ମହମୁଦ୍ ସିୟାଲ୍ ସାହେବଙ୍କର ଆପଣ ପତ୍ନି ଥିଲେ । ସ୍ୱର୍ଗତ ଚୌଧୁରୀ ଫତହ୍ ମୁହମ୍ମଦ୍ ସିୟାଲ୍ ସାହେବଙ୍କର ଆପଣ ବଧୂ (ବୋହୂ) ଥିଲେ । 79 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାଃହି ଓ ଇନ୍ନା ଇଲୈହି ରାଜିଉନ୍** । ଆପଣ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପତ୍ନି ହ. ସୟେଦା ମରିୟମ୍ ବେଗମ୍ ସାହେବାଙ୍କ ଗର୍ଭରୁ ଜାତ ହୋଇଥିଲେ ଏବଂ ସର୍ବ କନିଷ୍ଠ କନ୍ୟା ସନ୍ତାନ ଥିଲେ (ସବୁଠୁ ସାନ ଥିଲେ) ।

ଆପଣଙ୍କର ନିକାହ୍ 1955 ମସିହାରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ପାଠ କରାଇଥିଲେ । ଯେହେତୁ ହୁଜୁର୍ ଅସୁସ୍ଥ ଥିଲେ ତେଣୁ ଆପଣ ଶୋଇ ଏହି ନିକାହ୍ ପାଠ କରାଇଥିଲେ ଏବଂ ଦୁଆ ମଧ୍ୟ କଲେ । ଏହି ନିକାହ୍‌ରେ କେବଳ ଘରର କେତେକ ସଦସ୍ୟମାନେ ହିଁ ସାମିଲ୍ ହୋଇଥିଲେ । ଉକ୍ତ ନିକାହ୍ ସମୟରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉପରେ ଏକ ବିଶେଷ ପ୍ରକାରର ଅବସ୍ଥା ପ୍ରସାରିତ ହୋଇଥିଲା । ସ୍ୱର୍ଗତାଙ୍କର ବିବାହ 1956 ମସିହାରେ ହୋଇଥିଲା । ଆପଣଙ୍କ 4ଟି ସନ୍ତାନ ଅଛନ୍ତି। ଗୋଟିଏ ପୁତ୍ର ଓ ତିନୋଟି କନ୍ୟା ସନ୍ତାନ ଅଛନ୍ତି । ପୁତ୍ରର ନାମ ହେଲା ଜାଏଲ୍ ମୁସ୍ତଫା ସାହେବ, କନ୍ୟା ୟାସ୍‌ମିନ୍ ସାହେବା (କାନାଡ଼ାରେ ରହୁଛନ୍ତି), ସଦିୟା ଅହମଦ ସାହେବା ୟୁ.କେରେ ବାସ କରୁଛନ୍ତି ଓ ସୋଫିୟା ଅହମଦ ସାହେବା ଶ୍ରୀଯୁକ୍ତ ମିର୍ଜା ସମଦ୍ ଅହମଦ ସାହେବଙ୍କର ପତ୍ନି ଅଟନ୍ତି । ଶ୍ରୀଯୁକ୍ତ ସାହିବ ଜାଦା ମିର୍ଜା ସମଦ୍ ଅହମଦ୍ ସାହେବ ନାଜିର୍ ଖିଦ୍‌ମତେ ଦରୱେଶାନେ ରବ୍‌ୱା ଅଟନ୍ତି ।

ଶ୍ରୀଯୁକ୍ତ ନାସିର୍ ମୁହମ୍ମଦ ସିୟାଲ୍ ସାହେବ ୱକଫେ ଜିନ୍ଦିଗୀ ଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ ଫଜଲେ ଉମର୍ ରିସର୍ଚ୍ଚ ସେଲ୍ ଆରମ୍ଭ କଲେ ସେତେବେଳେ ସେହି ରିସର୍ଚ୍ଚ ସେଲ୍‌ରେ ତାଙ୍କୁ ନିୟୋଜିତ କରାଗଲା । ପରବର୍ତ୍ତୀ କାଳରେ ତାଙ୍କୁ ଜମାଅତ୍ ଅନୁମତି ଦେଇଦେଲା ଯେ, ସେ ନିଜର କାର୍ଯ୍ୟ କରିପାରିବେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ଅଭାବିମାନଙ୍କେର ବହୁତ ଯତ୍ନ ନେଉଥିଲେ। ସ୍ୱର୍ଗତାଙ୍କର ବିୟୋଗ ପରେ ସ୍ୱର୍ଗତାଙ୍କ କେତେକ ଗୁଣାବଳୀରୁ ଜଣାପଡୁଛି ଯେ, ଆପଣ କିଭଳି ଦୀନ ଦରିଦ୍ର ଲୋକମାନଙ୍କର ଯତ୍ନ ନେଉଥିଲେ ? ତାଙ୍କ ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କେତେକ ଘଟଣାବଳୀ ଏବଂ କେତେକ ସ୍ୱପ୍ନ ମଧ୍ୟ ରହିଛି। ଉତ୍ସର୍ଗୀକୃତ ଜୀବନ (ୱାକ୍‌ଫେନି ଜିନ୍ଦିଗୀ)ମାନଙ୍କୁ ଆପଣ ବେଶ୍ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେତେବେଳେ ସ୍ୱର୍ଗତା ମହୋଦୟା 7 ବର୍ଷ ବୟସର ହୋଇଥିଲେ ସେତେବେଳେ ଆପଣଙ୍କ ମାତାଶ୍ରୀ ହ. ସୟେଦାହ୍ ମରିୟମ୍ ସିଦ୍ଦିକା ସାହେବାଙ୍କର ଅକାଳ ବିୟୋଗ ହୋଇଗଲା । ଆପଣ (ସ୍ୱର୍ଗତା) ବହୁତ କାନ୍ଦୁଥିଲେ, ତେବେ ହ. ମୁସ୍‌ଲେହ୍ ମଉଦ୍ ର.ଅ ସ୍ୱର୍ଗତାଙ୍କୁ ବୁଝାଇଲେ କି ହେ ମୋ ଗେହ୍ଲା ଝିଅ! ତୁମ ମାତାଶ୍ରୀ ଅଲ୍ଲାଃତାଲାଙ୍କ ଘରକୁ ଯାଇଛନ୍ତି । ଦେଖ ! ଯେତେବେଳେ ନବୀ କରୀମ୍ ସ.ଅ ମୃତ୍ୟୁବରଣ କଲେ, ତୁମର ଦଦା ହ. ମସିହ୍ ମଉଦ୍ ଅ.ସ ମୃତ୍ୟୁବରଣ କଲେ ତେବେ ତୁମର ମାତାଶ୍ରୀ କ'ଣ ଏମାନଙ୍କ ଠାରୁ ବଡ଼ ଥିଲେ କି ? ଏହାପରେ ଆପଣ ଅର୍ଥାତ୍ ସ୍ୱର୍ଗତା ଅମତୁଲ୍ ଜମିଲ୍ ସାହେବା ଆଦୌ କାନ୍ଦିଲେ ନାହିଁ । ଆପଣ ଚୁପ୍ ହୋଇଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ ସ୍ୱର୍ଗତା ସାହିବଜାଦି ଅମତୁଲ୍ ଜମିଲ୍ ସାହେବାଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା କରି କହିଲେ, ସ୍ୱର୍ଗତା ଚାନ୍ଦାରେ ନିୟମିତ ଥିଲେ। ସ୍ୱର୍ଗତା ପୂର୍ବରୁ ହିଁ ହିସ୍‌ସା ଜାଏଦାଦ୍ ଧାର୍ଯ୍ୟ କରି ରଖି ଦେଇଥିଲେ । ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ କେବଳ ନିୟମିତ ପ୍ରାର୍ଥନା କରୁ ନଥିଲେ ବରଂ ଯେଉଁମାନଙ୍କ ପାଇଁ ଆପଣ ଦୁଆ କରୁଥିଲେ ସେମାନଙ୍କର ଏକ ସୂଚୀ ମଧ୍ୟ ନିଜ ପାଖରେ ରଖୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ । ☆☆☆

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 09 April 2026 Issue No. 15

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ବିଗତ ସଂଖ୍ୟା 13, 14, ପୃ-10,11 ଓ 12 ରେ ବର୍ଣ୍ଣିତ ସିରତୁନ୍ ନବୀୟିନର ଅବଶିଷ୍ଟାଂଶ.....

### (ଆରବ ଦେଶ ଓ ତା'ର ଅଧିବାସୀ)

### ମହିଳାମାନଙ୍କର ଅସ୍ତିତ୍ୱ ଓ ସ୍ଥିତାବସ୍ଥା:

ପଶୁମାନଙ୍କୁ ପିତୁଳାମାନଙ୍କର ନାମାନୁଯାୟୀ କିମ୍ବା ଅନ୍ୟ କୌଣସି ନଜର୍ ଇତ୍ୟାଦି ବଦଳରେ (ଯୋଗୁଁ) ଛାଡ଼ି ଦେବାର ପ୍ରଥା ରହିଥିଲା ଏବଂ ଏଥି ସଂକ୍ରାନ୍ତରେ 4 ପ୍ରକାରର ଜୀବମାନେ ଅତ୍ୟନ୍ତ ଜଣାଶୁଣା ଥିଲେ । **ପ୍ରଥମତଃ**- ସାଇବା । ସାଇବା ଏପରି ଓଟକୁ ବୁଝାଏ ଯେଉଁ ଓଟ ଅହରହ ଦସ ମାସ ପର୍ଯ୍ୟନ୍ତ ଛୁଆ ଜନ୍ମ କରିଥିବା ଏପରି ଓଟ ଉପରେ ଆରୋହଣ ହେବା ପରିତ୍ୟାଗ କରି ଦିଆଯାଉଥିଲା ଓ ସେହି ଓଟର କ୍ଷୀର ପରିବାର ନିମନ୍ତେ ବ୍ୟବହାରଯୋଗ୍ୟ ନଥିଲା । କିନ୍ତୁ ଅତିଥିଙ୍କ ବ୍ୟବହାର ନିମନ୍ତେ ସେହି ସାଇବା ଓଟର କ୍ଷୀର ବ୍ୟବହାର କରିବା ବୈଧ ବୋଲି ପରିଗଣିତ ହେଉଥିଲା। ସେହି ଓଟର ଚର୍ମରୁ ଉଲ୍ ମଧ୍ୟ କଟା ଯାଉ ନଥିଲା । **ଦ୍ୱିତୀୟତଃ**- ବହିରାହ୍। ବହିରା ଏପରି ଓଟକୁ ବୁଝାଏ ଯେ, ସାଇବା ଓଟର 11 ମାସର ଛୁଆକୁ ବହିରା ବୋଲି କୁହା ଯାଉଥିଲା। ବହିରା ଓଟର କାନ ମଝିକୁ କାଟି ତା' ମା ସହିତ ସ୍ୱାଧୀନ ଛାଡ଼ି ଦିଆଯାଉଥିଲା। **ତୃତୀୟତଃ**- ହାମ୍ । ଯେଉଁ ଅଣ୍ଡିରା ଓଟ ଦଶଟି ସନ୍ତାନ ଜନ୍ମ କରୁଥିଲା ଓ 10ଟି ଓଟର ପିତା ହେଉଥିଲା, ସେହି ଓଟକୁ ହାମ୍ କୁହାଯାଉଥିଲା। ସେହି ପୁରୁଷ ଓଟକୁ ଷଣ୍ଢ ପରି ଖୋଲା (ମୁକୁଳା) ଛାଡ଼ି ଦିଆଯାଉଥିଲା । **ଚତୁର୍ଥ**- ଓସିଲା । ଓସିଲା ଏପରି ଛେଳୀକୁ କୁହାଯାଉଥିଲା, ଯେଉଁ ଛେଳୀ ଲଗାତାର 10 ମାସ ପର୍ଯ୍ୟନ୍ତ ସନ୍ତାନ (ଛୁଆ) ଜନ୍ମ କରୁଥିଲା । ଏପରି ଛେଳୀରୁ ଜନ୍ମିତ ଛୁଆଙ୍କର ମାଂସ କେବଳ ପୁରୁଷମାନେ ହିଁ ସେବନ କରୁଥିଲେ ଏବଂ ଏହା ମହିଳାମାନଙ୍କ ନିମନ୍ତେ ଅବୈଧ (ବର୍ଜିତ) ଥିଲା । କିନ୍ତି ସେହି ଛେଳୀ ଛୁଆଙ୍କ ମଧ୍ୟରୁ ଯଦି କୌଣସି ଛୁଆର ମୃତ୍ୟୁ ଘଟୁଥିଲା ତେବେ ସେହି ଛେଳୀର ମାଂସ ମହିଳାମାନେ ସେବନ କରିପାରୁଥିଲେ। ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଏହିସବୁ ଜୀବମାନଙ୍କର ଚର୍ଚ୍ଚା ରହିଛି ।

ନିକାହ୍ (ବିବାହ) ସଂପର୍କରେ ବିଚିତ୍ର ପ୍ରକାରର ପ୍ରଥା ପରମ୍ପରା ପ୍ରଚଳିତ ଥିଲା । ସାଧାରଣତଃ ନିକାହ୍ କରିବାର 4ଟି ସ୍ଥିତି ବା ପ୍ରକ୍ରିୟା ରହିଥିଲା । ତନ୍ମଧ୍ୟରୁ ସବୁଠାରୁ ଘୃଣ୍ୟ ଶୈଳୀ ଏହା ଥିଲା ଯେ, ମହିଳା ପାଖରେ ସହସା କିଛି ଲୋକ ପହଞ୍ଚି ଯାଉଥିଲେ ଏବଂ ସେଠାରେ ଜଣକ ପରେ ଅନ୍ୟଜଣେ ନିଜର ମୁହଁ କଳା କରୁଥିଲେ । ଅର୍ଥାତ୍ ମହିଳା ସହିତ ଗଣ ବଳାତ୍କାର ବା ଗଣ ଦୁଷ୍କର୍ମ କରୁଥିଲେ । ଯେତେବେଳେ ସେହି ମହିଳା ଗର୍ଭରୁ ସନ୍ତାନ ଜନ୍ମ ହେଉଥିଲା ସେତେବେଳେ ସେହି ଲୋକମାନେ ପୁନଃ ସେହି ମହିଳା ପାଖରେ ଏକତ୍ରିତ ହୋଇ ଯାଉଥିଲେ ଏବଂ ସେହି ମହିଳା ଯେଉଁ ପୁରୁଷ ସଂପର୍କରେ କହି ଦେଉଥିଲା ଯେ, ଏହି ଜନ୍ମିତ ସନ୍ତାନଟି ଅମକ ବ୍ୟକ୍ତିର ଅଟେ ତେବେ ସେହି ସନ୍ତାନ ସେହି ବ୍ୟକ୍ତି ଆଡକୁ ଇଙ୍ଗିତ ହେଉଥିଲା । କିନ୍ତୁ ଶିଷ୍ଟ ବ୍ୟକ୍ତିମାନଙ୍କର ଚରିତ୍ର ଏପ୍ରକାରର କୁକୃତ୍ୟ ଏବଂ ନିର୍ଲଜ୍ଜତା ଠାରୁ ନିଃସ୍ପୃହ ଓ ପବିତ୍ର ଥିଲା । ଏଠାରେ କେତୋଟି ପ୍ରଥାର ଉଦାହରଣ ସ୍ୱରୂପ ଉଲ୍ଲେଖ କରାଯାଇଛି ଅନ୍ୟଥା ଆରବରେ ବହୁ ପ୍ରଥା ପ୍ରଚଳିତ ଥିଲା । ବିଚିତ୍ର ପ୍ରକାରର ପ୍ରଥାର ଅସ୍ତିତ୍ୱ ସୃଷ୍ଟି ହୋଇଯାଇଥିଲା । ଇସ୍‌ଲାମ୍ ଧର୍ମ ଏହି ଘୃଣ୍ୟ ପ୍ରଥାକୁ ସଂପୂର୍ଣ୍ଣ ରୂପେ ସମାପ୍ତ କରିଦେଲା ।

### ଆରବ୍ୟମାନଙ୍କର ପୁରାତନ ଧର୍ମ:

ଆରବରେ ଇସ୍‌ଲାମ୍ ଧର୍ମ ପୂର୍ବରୁ ନାନା ଧର୍ମର ଧର୍ମାବଲମ୍ବୀମାନେ ବାସ କରୁଥିଲେ । ତନ୍ମଧ୍ୟରେ ଅନନ୍ୟ ମୂର୍ତ୍ତି ପୂଜକ, ନାସ୍ତିକବାଦୀମାନେ, ଅଗ୍ନି ପୂଜକମାନେ, ଏକେଶ୍ୱରବାଦୀ, ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ, ଇହୁଦୀମାନେ ଥିଲେ । ଏହି ଧର୍ମମାନଙ୍କ ମଧ୍ୟରୁ ସମଗ୍ର ଆରବ୍ୟ ଦେଶରେ ପ୍ରଚଳିତ ଧର୍ମ ମୂର୍ତ୍ତି ପୂଜକ ଧର୍ମ ଥିଲା । ଏହି ଧର୍ମକୁ ଲୋକମାନେ ଦେଶର ପ୍ରକୃତ ଧର୍ମ ବୋଲି କହୁଥିଲେ । ମୂର୍ତ୍ତି ପୂଜକମାନେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶକାରୀ ଥିଲେ । କିନ୍ତୁ ଅଲ୍ଲାଃତାଲାଙ୍କ ପର୍ଯ୍ୟନ୍ତ ପହଞ୍ଚିବାକୁ ହେଲେ ଏହି ମୂର୍ତ୍ତି ତଥା ପିତୁଳାମାନେ ହିଁ ମାଧ୍ୟମ ଅଟନ୍ତି । କିନ୍ତୁ ଏହି ମଧ୍ୟବର୍ତ୍ତୀ ପିତୁଳାମାନଙ୍କ ମାଧ୍ୟମରେ ସେମାନେ ଏପରି ଛନ୍ଦି ହୋଇଯାଇଥିଲେ ଯେ, ପ୍ରକୃତ ଉପାସକଙ୍କ ଧ୍ୟାନ ଏବଂ ଧାରଣା ହୃଦୟରୁ ବାହାରି ଯାଇଥିଲା । ଏକାଠି ଥିବା ପିତୁଳାମାନଙ୍କ ବ୍ୟତୀତ ପ୍ରାୟତଃ ପ୍ରତ୍ୟେକ ସଂପ୍ରଦାୟର ନିଜର ଏକ ବିଶିଷ୍ଟ ଦିଅଁ (ଦେବତା) ରହିଥିଲା । ସୁତରାଂ ମକ୍କାରେ ଅସାଫ୍ ଏବଂ ନାଏଲା କୁରୈଶ୍‌ମାନଙ୍କର ପିତୁଳା ଥିଲେ । ଏହି ଦୁଇ ପିତୁଳାଙ୍କ ସମ୍ମୁଖରେ ଜୀବମାନଙ୍କୁ ବଳି ଦିଆଯାଉଥିଲା । ନଖ୍‌ଲା ଠାରେ ଅବସ୍ଥିତ ଥିବା ଉଜ୍ଜା ପିତୁଳା କୁରୈଶ୍ ଏବଂ ବନୁ କିନାନା ସଂପ୍ରଦାୟର ମିଳିତ ପିତୁଳା ଥିଲା । ତାଏଫ୍ ଠାରେ ଲାତ୍ ପିତୁଳା ଏବଂ ବନୁ ସକିଫ୍ ସଂପ୍ରଦାୟର ପିତୁଳା ଥିଲା । ମନାତ୍ ଅଦସ୍ ଏବଂ ଖଜରଜ୍ ସଂପ୍ରଦାୟର ପିତୁଳା ଥିଲା । ଦୌମତୁଲ୍ ଜୁନ୍ଦଲ୍ ଠାରେ ୱଦ୍ ବନୁ କଲ୍‌ବର୍ ପିତୁଳା ଥିଲା । ହୁଜୈଲ୍ ସଂପ୍ରଦାୟର ପିତୁଳାର ନାମ ସୁଓ୍ୱାଆ ଥିଲା । ମଜହଜ୍ ଓ ତୈ ସଂପ୍ରଦାୟର ପିତୁଳାର ନାମ ୟଗୁସ୍ ଥିଲା । କୁଲ୍ କିଲା ସଂପ୍ରଦାୟର ପିତୁଳା (ଦେବତା)ର ନାମ ନସର୍ ଥିଲା । ସେହିପରି ୟମନ୍ ଠାରେ ହମ୍‌ଦାନ୍ ସଂପ୍ରଦାୟର ପିତୁଳାର ନାମ ୟଉକ୍ ଥିଲା । ଇତ୍ୟାଦି ଇତ୍ୟାଦି । ସର୍ବ ବୃହତ୍ ପିତୁଳାର ନାମ ହୁବୁଲ୍ ଥିଲା । ଏହି ପିତୁଳା ଖାନା କାଆବାରେ ଅବସ୍ଥିତ ଥିଲା । ଯୁଦ୍ଧରେ ବିଜୟ ଅବସରରେ ଏହି ଦେବତାର (ପିତୁଳାର) ନାମୋଚ୍ଚାରଣ କରାଯାଉଥିଲା । ଆରବ୍ୟ ପିତୁଳା ପୂଜକମାନଙ୍କର ଧାର୍ମିକ କେନ୍ଦ୍ର ଖାନା କାଆବା ଥିଲା । ସେହି ଖାନା କାଆବାରେ ସେମାନେ ଅନେକ ପିତୁଳାମାନଙ୍କୁ ଏକତ୍ରିତ କରି ରଖିଥିଲେ । ଅର୍ଥାତ୍ ଇବ୍ରାହିମୀୟ ଶିକ୍ଷାର ଏକ ବଳକା ନିଦର୍ଶନ ଥିଲା । କିନ୍ତୁ ହଜ୍ର୍ ପ୍ରଥାରେ ମଧ୍ୟ ସେହି ଲୋକମାନେ ଅନେକ ପ୍ରକାରର ଅବିଶ୍ୱାସକାରୀମୂଳକ ପ୍ରସଙ୍ଗ ସାମିଲ୍ କରି ନେଇଥିଲେ । କିନ୍ତୁ ସେହି ସବୁ ପ୍ରଥାକୁ ଇସ୍‌ଲାମ୍ ଧର୍ମ ସମାପ୍ତ କରିଦେଲା। ମକ୍କାର ଏହି ବିଶେଷତା ଯୋଗୁଁ ମକ୍କା ଓ ତା'ର ଆଖପାଖ ଅଞ୍ଚଳ ହରମ୍ (ନିଷିଦ୍ଧାଞ୍ଚଳ) ଥିଲା । ଏଠାରେ ପ୍ରତ୍ୟେକ ପ୍ରକାରର ରକ୍ତପାତ କରିବା ବର୍ଜନୀୟ ଥିଲା। ସେହିପରି ହଜ୍ ଏବଂ ଉମ୍‌ରାହ୍ ନିମନ୍ତେ ଲୋକମାନଙ୍କର ଯାତାୟତରେ ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବର୍ଷରେ ଚାରି ମାସ ଯଥା- ମୁହର୍ରମ୍, ରଜବ୍, ଜି କାଆଦାହ୍ ଓ ଜିଲ୍ ହଜ୍ଜା ବିଶେଷ ରୂପେ ମର୍ଯ୍ୟାଦା ଓ ସମ୍ମାନପୂର୍ଣ୍ଣ ମାସ ରୂପେ ବିବେଚିତ ହେଉଥିଲା। ଏହି ମାସରେ ଯୁଦ୍ଧ ଏବଂ ରକ୍ତପାତ ହେଉ ନଥିଲା ଏବଂ ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ଏଣେତେଣେ ଯିବା ଆସିବା କରିପାରୁଥିଲେ ।

ପିତୁଳା ପୂଜାର ବ୍ୟତୀତ ଆରବ ଦେଶରେ ନାସ୍ତିକବାଦ ମଧ୍ୟ ରହିଥିଲା । ଏହି ଧର୍ମର ଧର୍ମାବଲମ୍ବୀମାନେ ଈଶ୍ୱରଙ୍କ ଅସ୍ତିତ୍ୱ, ମୃତ୍ୟୁ ପରବର୍ତ୍ତୀ କାଳୀନ ଜୀବନ, ପ୍ରତିଫଳ ଓ ଶାସ୍ତିର ସ୍ୱୀକାରୋକ୍ତି ପ୍ରକାଶକାରୀ ନଥିଲେ । ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଏହାର ଚର୍ଚ୍ଚା ରହିଛି ।

ପୁନଶ୍ଚ ଆରବରେ ଅଗ୍ନିପୂଜକମାନେ ମଧ୍ୟ ବାସ କରୁଥିଲେ । ଏମେନା ତାରକା ପୂଜକ ମଧ୍ୟ ଥିଲେ । କିନ୍ତୁ ଏହି ଲୋକମାନେ ଈଶ୍ୱରଙ୍କ ଅସ୍ତିତ୍ୱର ସ୍ୱୀକାରକ ଥିଲେ । ଏହି ଧର୍ମରେ ଉପାସନାର ପ୍ରଥା ମଧ୍ୟ ରହିଥିଲା । ଗବେଷକମାନଙ୍କ ମତରେ ଏହି ଧର୍ମ ନିଜର ମୂଳ ଦୃଷ୍ଟିରୁ ଇରାନର ଧର୍ମ ଅଟେ । ଏହି ଧର୍ମ ଐଶୀବାଣୀ ଧର୍ମ ଗ୍ରହଣକାରୀ ଧର୍ମ ମଧ୍ୟରୁ ଅନ୍ୟତମ ଧର୍ମ ଥିଲା । **(ଅବଶିଷ୍ଟାଂଶ.. ପରବର୍ତ୍ତୀ ସଂଖ୍ୟାରେ)**

## ବିଗତ ସଂଖ୍ୟା 13, 14, ପୃ-10,11 ଓ 12 ରେ ବର୍ଣ୍ଣିତ ସିରତୁନ୍ ନବୀୟିନର ଅବଶିଷ୍ଟାଂଶ.....

(24) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମାତାଶ୍ରୀ ମୋତେ କହିଲେ, ଯେତେବେଳେ ତୁମର ବଡ଼ ବାପା ମିର୍ଜା କାଦିର୍ ସାହେବ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ବଡ଼ ଭାଇ ନିଃସନ୍ତାନ ମୃତ୍ୟୁବରଣ କଲେ ସେତେବେଳେ ତୁମର ବଡ଼ ମା ହ. ସାହେବଙ୍କ ସମ୍ମୁଖରେ କାନ୍ଦିଲେ ଏବଂ କହିଲେ, ଆପଣ ନିଜ ଭାଇଙ୍କ ସମସ୍ତ ସମ୍ପତ୍ତି ସୁଲତାନ ଅହମଦଙ୍କ ନାଁରେ ପୋଷ୍ୟପୁତ୍ର ରୂପେ କରି ଦିଅନ୍ତୁ । ସେମିତି ବି ଦେଖିବାକୁ ଗଲେ ବର୍ତ୍ତମାନ ଏହି ସମ୍ପତ୍ତି ତୁମର ଅଟେ ଏବଂ ଏହିପରି ଭାବରେ ତୁମର ହିଁ ହୋଇ ରହିବ। ସୁତରାଂ ହ. ସାହେବ ତୁମ ବଡ଼ ବାପାଙ୍କର ସମସ୍ତ ସମ୍ପତ୍ତି ମିର୍ଜା ସୁଲତାନ୍ ଅହମଦଙ୍କ ନାମରେ ଲେଖିଦେଲେ । ବିନୀତ ମାତାଶ୍ରୀଙ୍କୁ ପଚାରିଲା ଯେ, ମାତାଶ୍ରୀ! ହ. ସାହେବ (ମସିହ୍ ମଉଦ୍ ଅ.ସ) ପୋଷ୍ୟପୁତ୍ର ପ୍ରସଙ୍ଗ(କଥା)କୁ କିପରି ସ୍ୱୀକାର କରିନେଲେ? ମାତାଶ୍ରୀ କହିଲେ, ଏଇଟା ତ' ସାଧାରଣ କଥା ଥିଲା, ଅନ୍ୟଥା ମୃତ୍ୟୁ ପରେ ପୋଷ୍ୟପୁତ୍ରର କି ଅସ୍ତିତ୍ୱ ରହିଛି ? କହିବାର ତାତ୍ପର୍ଯ୍ୟ ଏହିକି ଯେ, ତୁମର ବଡ଼ ମା ମିର୍ଜା ସୁଲତାନ୍ ଅହମଦଙ୍କ ନାଁରେ ସମ୍ପତ୍ତି କରିଦେଲେ । କିନ୍ତୁ ନିଜ ନାଁରେ ଉଇଲ୍ କଲେ ନାହିଁ । କାରଣ ସେତେବେଳର ପରିସ୍ଥିତି ଅନୁଯାୟୀ ହ. ସାହେବ ଏହା ମନେକରୁଥିଲେ ଯେ, ସେମିତି ବି କହିବାକୁ ଗଲେ ମିର୍ଜା ସୁଲତାନ ଅହମଦ ସାହେବଙ୍କୁ ଆପଣଙ୍କ ସମ୍ପତ୍ତିରୁ ଅଧା ସମ୍ପତ୍ତି ପ୍ରାପ୍ତ ହେବ ଏବଂ ବଳକା ଅଧା ସମ୍ପତ୍ତି ମିର୍ଜା ଫଜଲ୍ ଅହମଦ ସାହେବଙ୍କୁ ମିଳିବ । ତେଣୁ ଆପଣ ସ.ଅ ଏହା ବୁଝିନେଲେ (ମନେ କରିନେଲେ) ଯେ, ଆପଣ ଅ.ସ ନିଜ ଜୀବନରେ ହିଁ ମିର୍ଜା ସୁଲ୍ତାନ୍ ଅହମଦ୍ ସାହେବଙ୍କ ଭାଗ ଅଲଗା କରିଦେଲେ । **(ଅବଶିଷ୍ଟାଂଶ..... ପରବର୍ତ୍ତୀ ସଂଖ୍ୟାରେ)**

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ପୃ-18-20, ପ୍ରକାଶନ ସ୍ଥାନ, କାଦିୟାନ୍)**

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ଓ୍ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେବ **ଇନ୍‌ଶାଅଲ୍ଲାଃ** ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan